# ଭାରତୀୟ ନିର୍ବାଚନ ଆୟୋଗ

## କୃତଜ୍ଞତା ଜ୍ଞାପନ କରୁଛନ୍ତି

- ଭାରତର ୬୧.୩୦ କୋଟି ମତଦାତା*
- ୨୯.୨୪ କୋଟି ମହିଳା ମତଦାତା*
- ୬୧.୪୬ ଲକ୍ଷ ଭିନ୍ନକ୍ଷମ ମତଦାତା
- ୧୮.୦୫ ଲକ୍ଷ ସେବା ମତଦାତା
- ସମସ୍ତ ବରିଷ୍ଠ ନାଗରିକ ଓ ଶତାୟୁ ମତଦାତା
- ପୋଲିଂ ଷ୍ଟେଶନରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ
- ନିର୍ବାଚନ ତନ୍ତ୍ରର ୧୨ ମିଲିୟନ୍‌ରୁ ଊର୍ଦ୍ଧ୍ୱ ପଦାଧିକାରୀ
- ସିଇଓ/ ଡିଇଓ/ ଆର୍‌ଓ/ ଏସପି ଓ ସେମାନଙ୍କ ଟିମ୍
- ଭାରତ ସରକାର ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ସମସ୍ତ ସମ୍ପୃକ୍ତ ବରିଷ୍ଠ ଅଧିକାରୀ
- ରାଜନୈତିକ ଦଳ ଓ ପ୍ରାର୍ଥୀ
- ନିର୍ବାଚନ ଆୟୋଗର ପଦାଧିକାରୀ
- ସ୍ୱତନ୍ତ୍ର ନିର୍ବାଚନ ପର୍ଯ୍ୟବେକ୍ଷକ
- ପର୍ଯ୍ୟବେକ୍ଷକ - ସାଧାରଣ, ପୋଲିସ, ବ୍ୟୟ ଏବଂ ସୁଗମତା
- ସୁରକ୍ଷା ବଳ - ସିଏପିଏଫ୍, ପୋଲିସ ଓ ଅନ୍ୟମାନେ
- ଫ୍ଲାଇଂ ସ୍କ୍ୱାଡ୍ ଓ ସର୍ଭେଲାନ୍ସ ଟିମ୍
- ଇଭିଏମ୍ ଏବଂ ଭିଭିପିଏଟି, ବିଇଏଲ୍ ଏବଂ ଇସିଆଇଏଲ୍‌ର ବୈଷୟିକ ବିଶେଷଜ୍ଞ କମିଟି
- ଭାରତୀୟ ରେଳପଥ ଏବଂ ଡାକ ବିଭାଗ
- ଛାପା, ବୈଦ୍ୟୁତିକ ଏବଂ ସାମାଜିକ ଗଣମାଧ୍ୟମ
- ନିର୍ବାଚନୀ ସାକ୍ଷରତା କ୍ଲବ୍, ନିର୍ବାଚନ ପାଠଶାଳା ଏବଂ ମତଦାତା ସଚେତନା ମଞ୍ଚ
- ନିର୍ବାଚନ ଆୟୋଗ ସହିତ କାର୍ଯ୍ୟରତ ଅନ୍ୟ ସମସ୍ତ ହିତଧାରକମାନଙ୍କୁ

*ଯେଉଁମାନେ ପ୍ରକୃତରେ ମତଦାନ କରିଛନ୍ତି






**

## ଆମ ଜାତୀୟ ନିର୍ବାଚନକୁ

**ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ, ସର୍ବାଙ୍ଗୀନ, ସୁଗମ, ନୈତିକ ଏବଂ ସହଭାଗୀ କରିବା ପାଇଁ**

davp 52101/13/0048/1920


**Copyright © in "The Common Man"; Bennett, Coleman & Co. Ltd. All Right Reserved.

## ମହାରାଷ୍ଟ୍ର (୪୮)

ହିନା ବିଜୟ କୁମାର
୧.ନନ୍ଦୁରପୁର (ଭାଜପା)

ଭାମ୍ରେସୁଭାସ ରାମରାଓ
୨.ଧୁଲେ (ଭାଜପା)

ଉମେଶ ଭାୟାସାହେବ ପାଟିଲ
୩.ଜଲଗାଓଁ (ଭାଜପା)

ଖଡ୍‌ସେ ରକ୍ଷାନିକିଲ
୪.ରାଭେର (ଭାଜପା)

ଯାଦବ ପ୍ରତାପ ରାଓ ଗଣପତରାଓ
୫.ବୁଲ୍‌ଧାନା (ଶିବସେନା)

ଧୋତ୍ରେ ସଞ୍ଜୟ ସାମରାଓ
୬.ଅକୋଲା (ଭାଜପା)

ନଭନିତ ରଭି ରାଣା
୭.ଅମରାବତୀ (ସ୍ୱାଧୀନ)

ରାମଦାସ ଚନ୍ଦ୍ରଭାନୁଜୀ ତାଡାସ
୮.ୱାର୍ଦ୍ଧା (ଭାଜପା)

କୃପାଳ ବାଲାଜୀ ତୁମାନେ
୯.ରାମଟେକ୍ (ଶିବସେନା)

ନୀତିନ ଗଡକରୀ
୧୦.ନାଗପୁର (ଭାଜପା)

ସୁନୀଲ ବାବୁରାଓ ମେଣ୍ଢେ
୧୧.ଭଣ୍ଡାରା-ଗୋଣ୍ଡିଆ (ଭାଜପା)

ଅଶୋକ ମହାଦେଓରାଓ ନେତେ
୧୨.ଗାଡଚିରୋଲି-ଚିମୁର (ଭାଜପା)

ସୁରେଶ ନାରାୟଣ ଧନୋରକର
୧୩.ଚନ୍ଦ୍ରପୁର (କଂଗ୍ରେସ)

ଭାବନା ପୁଣ୍ଡଲିକା ରାଓ ଗାୱାଲି
୧୪.ଯବତ୍‌ମାଲ୍-ୱାସିମ (ଶିବସେନା)

ହେମନ୍ତ ପାଟିଲ
୧୫.ହିଙ୍ଗୋଲି (ଶିବସେନା)

ପ୍ରତାପରାଓ ପାଟିଲ
୧୬.ନାନ୍ଦେଡ୍ (ଭାଜପା)

ଯାଦବ ସଞ୍ଜୟ
୧୭.ପରଭଣି (ଶିବସେନା)

ରାଓସାହେବ ଦାଦାରାଓ
୧୮.ଜଲ୍‌ନା (ଭାଜପା)

ଇମତିୟାଜ ଜଲିଲ ସୟିଦ
୧୯.ଔରଙ୍ଗାବାଦ (ଏଆଇଏମ୍ଆଇଏମ୍)

ଭାରତୀ ପ୍ରଭୀନ ପାୱାର
୨୦.ଦିଣ୍ଡୋରୀ (ଭାଜପା)

ଗଡସେ ହେମନ୍ତ ତୁକାରାମ
୨୧.ନାସିକ (ଶିବସେନା)

ରାଜେନ୍ଦ୍ର ଦେଧିୟା ଗାଭିତ
୨୨.ପାଲଘର (ଶିବସେନା)

କପିଲ ମୋରେଶ୍ୱର ପାଟିଲ
୨୩.ଭିୱାଣ୍ଡି (ଭାଜପା)

ଡ. ଶ୍ରୀକାନ୍ତ ଏକନାଥ ସିନ୍ଧେ
୨୪.କଲ୍ୟାଣ (ଶିବସେନା)

ରାଜନ ବାବୁରାଓ ଭିଚାରେ
୨୫.ଠାଣେ (ଶିବସେନା)

ଗୋପାଳ ସେଟ୍ଟୀ
୨୬.ମୁମ୍ବାଇ ଉତ୍ତର (ଭାଜପା)

ଗଜାନନ କୀର୍ତ୍ତିକାର
୨୭. ମୁମ୍ବାଇ ଉତ୍ତର ପଶ୍ଚିମ (ଶିବସେନା)

ମନୋଜ କୋଟାକ
୨୮. ମୁମ୍ବାଇ ଉତ୍ତର ପୂର୍ବ (ଭାଜପା)

ପୁନମ ମହାଜନ
୨୯. ମୁମ୍ବାଇ ଉତ୍ତର କେନ୍ଦ୍ର (ଭାଜପା)

ରାହୁଲ ରମେଶ ସେୱାଲେ
୩୦.ମୁମ୍ବାଇ ଦକ୍ଷିଣ କେନ୍ଦ୍ର (ଶିବସେନା)

ଅରବିନ୍ଦ ଗଣପତ ସାୱନ୍ତ
୩୧. ମୁମ୍ବାଇ ଦକ୍ଷିଣ (ଶିବସେନା)

ଟାଟକରେ ସୁନୀଲ ଦତ୍ତରାୟ
୩୨.ରାୟଗଡ଼ (କଂଗ୍ରେସ)

ଶ୍ରୀରଙ୍ଗାପ୍ପା ଚାନ୍ଦୁ ବାର୍ନେ
୩୩.ମାଭଲ୍ (ଶିବସେନା)

ଗିରିଶ ଭାଲଚନ୍ଦ୍ର ବାପଟ
୩୪.ପୁଣେ (ଭାଜପା)

ସୁପ୍ରିୟା ସୁଲେ
୩୫.ବାରାମତୀ (କଂଗ୍ରେସ)

ଅମୋଲ ରଣସିଂହ କୋଲ୍ହେ
୩୬.ଶିରୁର (କଂଗ୍ରେସ)

ଡ. ସୁଜୟ ରାଧାକ୍ରିଷ୍ଣ ଭି.କେ. ପାଟିଲ
୩୭.ଅହମ୍ମଦନଗର (ଭାଜପା)

ସଦାଶିବ କିଶନ ଲୋଖାଣ୍ଡେ
୩୮.ଶିରିଡ଼ି (ଶିବସେନା)

ପ୍ରିତମ ଗୋପୀନାଥରାଓ ମୁଣ୍ଡେ
୩୯.ବିଦ୍ (ଭାଜପା)

ପଓ୍ୱନ ରାଜେନିୟଲକର
୪୦.ଓସ୍ମାନାବାଦ୍ (ଶିବସେନା)

ସୁଧାକର ତୁକାରାମ ସାରେଙ୍ଗାରେ
୪୧.ଲାଟୁର (ଭାଜପା)

ଶିବାଚାର୍ଯ୍ୟ ମହାସ୍ୱାମୀ ଜୀ
୪୨.ସୋଲାପୁର (ଭାଜପା)

ରଣଜିତସିହ୍ନା ହିନ୍ଦୁରାଓ
୪୩.ମାଧା (ଭାଜପା)

ସଞ୍ଜୟ କାକା ପାଟିଲ
୪୪.ସାଙ୍ଗଲି (ଭାଜପା)

ପ୍ରତାପ ସିଂ ମହାରାଜ ଭୋଁସଲେ
୪୫.ସତାରା (କଂଗ୍ରେସ)

ବିନାୟକ ରାଉତ
୪୬.ରତ୍ନଗିରି-ସନ୍ଧୁଦୁର୍ଗ (ଶିବସେନା)

ସଞ୍ଜୟ ସଦାଶିବରାଓ ମାଣ୍ଡିଲିକ
୪୭.କୋହ୍ଲାପୁର (ଶିବସେନା)

ଦରିଆସିଲ ସାୟଜିରାଓ ମାନେ
୪୮.ହର୍ଟକାନାଙ୍ଗେଲ (ଶିବସେନା)

## ଜମ୍ମୁକଶ୍ମୀର (୬)

ମହମ୍ମଦ ଆକବର ଲୋନ
୧.ବାରାମୁଲ୍ଲା (ଜେକେଏନସି)

ଫାରୁକ ଅବଦୁଲ୍ଲା
୨.ଶ୍ରୀନଗର (ଜେକେଏନସି)

ହସନାଇ ମାସୁଦି
୩.ଅନନ୍ତନାଗ (ଜେକେଏନସି)

ଜାମୟାଙ୍ଗ ସେରିଙ୍ଗ ନମଗ୍ୟାଲ
୪.ଲଦାଖ (ଭାଜପା)

ଡ. ଜିତେନ୍ଦ୍ର ସିଂ
୫.ଉଧମ୍ପୁର (ଭାଜପା)

ଯୁଗଲ କିଶୋର
୬.ଜମ୍ମୁ (ଭାଜପା)

## ମଧ୍ୟପ୍ରଦେଶ (୨୯)

ନରେନ୍ଦ୍ର ସିଂ ତୋମାର
୧.ମୋରେନା (ଭାଜପା)

ସନ୍ଧ୍ୟା ରାୟ
୨.ଭିନ୍ଦ (ଭାଜପା)

ବିବେକ ନାରାୟଣ ସେଜୱାଲକର
୩.ଗ୍ୱାଲିଅର (ଭାଜପା)

ବିଷ୍ଣୁପାଲ ସିଂ
୪.ଗୁନା (ଭାଜପା)

ରାଜବାହାଦୁର ସିଂ
୫.ସାଗର (ଭାଜପା)

ଡ. ବୀରେନ୍ଦ୍ର କୁମାର
୬.ଟିକମଗଡ଼ (ଭାଜପା)

ପ୍ରହ୍ଲାଦ ସିଂ ପଟେଲ
୭.ଦାମୋହ (ଭାଜପା)

ଭି.ଡି. ଶର୍ମା
୮.ଖଜୁରାହୋ (ଭାଜପା)

ପରେଶ ସିଂହ
୯.ସାତ୍‌ନା (ଭାଜପା)

ଜନାର୍ଦ୍ଦନ ମିଶ୍ର
୧୦.ରେୱା (ଭାଜପା)

ରିତି ପାଠକ
୧୧.ସିଦ୍ଧି (ଭାଜପା)

ହିମାଦ୍ରୀ ସିଂ
୧୨.ଶାହଡୋଲ (ଭାଜପା)

ରାକେଶ ସିଂ
୧୩.ଜବଲପୁର (ଭାଜପା)

ଫଗନ ସିଂ କୁଲସ୍ତେ
୧୪.ମାଣ୍ଡଲା (ଭାଜପା)

ଡ.ଧଲ ସିଂ ବିସେନ
୧୫.ବାଲାଘାଟ୍ (ଭାଜପା)

ନକୁଲ କମଲ ନାଥ
୧୬.ଛିନ୍ଦୱାଡା (କଂଗ୍ରେସ)

ଉଦୟପ୍ରତାପ ସିଂ
୧୭.ହୋଶାଙ୍ଗାବାଦ (ଭାଜପା)

ରମାକାନ୍ତ ଭାର୍ଗବ
୧୮.ବିଦିଶା (ଭାଜପା)

ସ୍ୱାଧୀ ପ୍ରଜ୍ଞା ସିଂ ଠାକୁର
୧୯.ଭୋପାଳ (ଭାଜପା)

ରୋଡମଲ ନଗର
୨୦.ରାଜଗଡ଼ (ଭାଜପା)

ମହେନ୍ଦ୍ର ସିଂ ସୋଲାଙ୍କି
୨୧.ଦେୱାସ୍ (ଭାଜପା)

ଅନିଲ ଫିରୋଜିଆ
୨୨.ଉଜ୍ଜୟିନୀ (ଭାଜପା)

ସୁଧୀର ଗୁପ୍ତା
୨୩.ମଣ୍ଡସୌର (ଭାଜପା)

ଗୁମାନ ସିଂ ଦାମୋର
୨୪.ରତଲାମ (ଭାଜପା)

ଛତ୍ରସିଂ ଦରବାର
୨୫.ଧର (ଭାଜପା)

ଶଙ୍କର ଲାଲୱାନି
୨୬.ଇନ୍ଦୋର (ଭାଜପା)

ଗଜେନ୍ଦ୍ର ଉମରାଓ ସିଂ ପଟେଲ
୨୭.ଖାରଗାନ (ଭାଜପା)

ନନ୍ଦକୁମାର ସିଂ ଚୌହାନ
୨୮.ଖଣ୍ଡୱା (ଭାଜପା)

ଦୁର୍ଗା ଦାସ ୟୁକି
୨୯.ବେତୁଲ (ଭାଜପା)

## ଝାଡ଼ଖଣ୍ଡ (୧୪)

ବିଜୟ କୁମାର ହଂସଦକ
୧.ରାଜମହଲ (ଜେଏମଏମ)

ସୁନୀଲ ସୋରେନ
୨.ଦୁମ୍‌କା (ଭାଜପା)

ନିଶିକାନ୍ତ ଦୁବେ
୩.ଗୋଡା (ଭାଜପା)

ସୁନୀଲ କୁମାର ସିଂ
୪.ଛତ୍ରା (ଭାଜପା)

ଅନ୍ନପୂର୍ଣ୍ଣା ଦେବୀ
୫.କୋଦର୍ମା (ଭାଜପା)

ଚନ୍ଦ୍ରପ୍ରକାଶ ଚୌଧୁରୀ
୬.ଗିରିଡିହ (ଏଜେଏସୟୁ ପାର୍ଟି)

ପଶୁପତି ନାଥ ସିଂ
୭.ଧାନବାଦ (ଭାଜପା)

ସଞ୍ଜୟ ସେଠ୍
୮.ରାଞ୍ଚି (ଭାଜପା)

ବିଦ୍ୟୁତବରନ ମାହାତୋ
୯.ଜାମସେଦପୁର (ଭାଜପା)

ଗୀତା କୋରା
୧୦.ସିଂଭୂମ୍ (କଂଗ୍ରେସ)

ଅର୍ଜୁନ ମୁଣ୍ଡା
୧୧.ଖୁଣ୍ଟି (ଭାଜପା)

ସୁଦର୍ଶନ ଭଗତ୍
୧୨.ଲୋହାରଡାଗା (ଭାଜପା)

ବିଷ୍ଣୁଦଲାୟ ରାମ
୧୩.ପାଲାମୁ (ଭାଜପା)

ଜୟନ୍ତ ସିହ୍ନା
୧୪.ହଜାରିବାଗ (ଭାଜପା)

## ପଶ୍ଚିମବଙ୍ଗ (୪୨)

ନିଶଥ ପରମାଣିକ
୧.କୁଚ୍‌ବିହାର (ଭାଜପା)

ଜନ ବାର୍ଲା
୨.ଅଲିପୁରଦୁଆର୍ସ (ଭାଜପା)

ଜୟନ୍ତ କୁମାର ରଏ
୩.ଜଲପାଇଗୁଡ଼ି (ଭାଜପା)

ରାଜୁ ବିସ୍ତା
୪.ଦାର୍ଜିଲିଂ (ଭାଜପା)

ଦେବଶ୍ରୀ ଚୌଧୁରୀ
୫.ରାଇଗଞ୍ଜ (ଭାଜପା)

ସୁକାନ୍ତ ମଜୁମଦାର
୬.ବାଲୁରଘାଟ (ଭାଜପା)

ଖାଗେନ ମୁର୍ମୁ
୭.ମାଲ୍‌ଦା ଉତ୍ତର (ଭାଜପା)

ଅବୁ ହାସିନ ଖାନ
୮.ମାଲ୍‌ଦା ଦକ୍ଷିଣ (କଂଗ୍ରେସ)

ଖଲିଲୁର ରହମନ
୯.ଜଙ୍ଗିପୁର (ଟିଏମସି)

ଅଧୀର ରଞ୍ଜନ ଚୌଧୁରୀ
୧୦.ବହରମ୍ପୁର (କଂଗ୍ରେସ)

ଅବୁତାହିର ଖାନ
୧୧.ମୁର୍ଶିଦାବାଦ (ଟିଏମସି)

ମହୁଆ ମୋହିତ୍ର
୧୨.କ୍ରିଷ୍ଣ ନଗର (ଟିଏମସି)

ଜଗନ୍ନାଥ ସ ସରକାର
୧୩.ରଣାଘାଟ (ଭାଜପା)

ଶାନ୍ତନୁ ଠାକୁର
୧୪.ବାଙ୍ଗାନ୍ (ଭାଜପା)

ଅର୍ଜୁନ ସିଂ
୧୫.ବାରାକ୍‌ପୁର (ଭାଜପା)

ସୌଗତ ରାୟ
୧୬.ଦମ୍ ଦମ୍ (ଟିଏମସି)

ଡ. କାକୋଲି ଘୋଷ ଡାଷ୍ଟିଡାର
୧୭.ବାରାସତ୍ (ଟିଏମସି)

ନୁସରତ୍ ଜାହାନ ରୁହି
୧୮.ବସିରହାଟ (ଟିଏମସି)

ପ୍ରତିମା ମଣ୍ଡଳ
୧୯.ଜୟନଗର (ଟିଏମସି)

ଚୌଧୁରୀ ମୋହନ ଜଟୁଆ
୨୦.ମଥୁରାପୁର (ଟିଏମସି)

ଅଭିଷେକ ବାନାର୍ଜୀ
୨୧.ଡାଇମଣ୍ଡ ହାର୍ବର (ଟିଏମସି)

ମିମି ଚକ୍ରବର୍ତ୍ତୀ
୨୨.ଯାଦବପୁର (ଟିଏମସି)

ମାଲା ରଏ
୨୩.କଲିକତା ଦକ୍ଷିଣ (ଟିଏମସି)

ସୁଦୀପ ବନ୍ଦୋପାଧ୍ୟାୟ
୨୪.କଲିକତା ଉତ୍ତର (ଟିଏମସି)

ପ୍ରସୁନ ବାନାର୍ଜୀ
୨୫.ହାଓଡ଼ା (ଟିଏମସି)

ସାଜଦା ଅହମ୍ମଦ
୨୬.ଉଲ୍‌ବେରିଆ (ଟିଏମସି)

କଲ୍ୟାଣ ବାନାର୍ଜୀ
୨୭.ଶ୍ରୀରାମପୁର (ଟିଏମସି)

ଲକେଟ ଚାଟାର୍ଜୀ
୨୮.ହୁଗ୍‌ଲି (ଭାଜପା)

ଅପରୂପା ପୋଦ୍ଦାର
୨୯.ଆରମ୍ବାଗ୍ (ଟିଏମସି)

ଅଧିକାରୀ ଦିବ୍ୟେନ୍ଦୁ
୩୦.ତମ୍‌ଲୁକ୍ (ଟିଏମସି)

ଅଧିକାରୀ ଶିଶିର
୩୧.କାନ୍ଥି (ଟିଏମସି)

ଅଧିକାରୀ ଦୀପକ
୩୨.ଘଟ୍ଟଲ (ଟିଏମସି)

କୁନାର ହେମ୍ବ୍ରମ
୩୩.ଝାଡ଼ଗ୍ରାମ (ଭାଜପା)

ଦିଲୀପ ଘୋଷ
୩୪.ମେଦିନୀପୁର (ଭାଜପା)

ଜ୍ୟୋତିର୍ମୟ ସିଂ ମହାତୋ
୩୫.ପୁରୁଲିଆ (ଭାଜପା)

ଡ. ସୁବାସ ସରକାର
୩୬.ବାଙ୍କୁରା (ଭାଜପା)

ଖାନ ସୌମିତ୍ର
୩୭.ବିଷ୍ଣୁପୁର (ଭାଜପା)

ସୁନୀଲ କୁମାର ମଣ୍ଡଳ
୩୮.ବର୍ଦ୍ଧମାନ ପୂର୍ବ (ଟିଏମସି)

ଏସ୍.ଏସ୍. ଅହଲୁୱାଲିଆ
୩୯.ବର୍ଦ୍ଧମାନ ଦୁର୍ଗାପୁର (ଭାଜପା)

ବାବୁଲ ସୁପ୍ରିୟୋ
୪୦.ଆସନସୋଲ (ଭାଜପା)

ଅସିତ କୁମାର ମଲ୍
୪୧.ବୋଲ୍‌ପୁର (ଟିଏମସି)

ଶତାବ୍ଦୀ ରଏ
୪୨.ବୀରଭୂମ (ଟିଏମସି)

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୨୬ ମେ, ୨୦୧୯



ଯାହା କ୍ଷତି ହୋଇଗଲାଣି, ସେଥିପାଇଁ ବସି ଲୁହ ଗଡ଼ାଇବା ନୁହେଁ, ତାକୁ ପୂରଣ କରିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଆଗେଇ ଯିବା ହେଉଛି ବିଜ୍ଞ ଲୋକର କାମ।
- ସେକ୍ସପିୟର



## ସଂକ୍ଷେପରେ

### ଅମାନତ ହରାଇଲେ ୫ ବିଧାୟକ ପ୍ରାର୍ଥୀ

**ରେଢାଖୋଲ,୨୫।୫(ଡି.ଏନ.ଏ.)** ସମ୍ବଲପୁର ଲୋକସଭା ଅଧୀନ ରେଢାଖୋଲ ବିଧାନସଭା ଆସନରେ ଚଳିତ ନିର୍ବାଚନରେ ବିଧାୟକ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୫ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଅମାନତ ହରାଇଥିବା ପ୍ରାର୍ଥୀ ହେଲେ ବହୁଜନସମାଜ ପାର୍ଟିର ସଙ୍କେତ ବହିଦାର, ଆମ ଆଦମି ପାର୍ଟିର ଆନନ୍ଦ କୁମାର ସାମଲ, ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଜନକରାମ ରଣା, ସ୍ୱାଧୀନ ପ୍ରାର୍ଥୀ ଜୟଲାଲ ବେହେରା ଓ ସମର କୁମାର ପ୍ରଧାନ। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶିକେସନ ଦେହୁରୀଙ୍କଠାରୁ ଏହା ଜଣାପଡିଛି।

### ରେଙ୍ଗାଲି ଯୁବକଙ୍କୁ ଗୁଳି ମାଡ଼ ଘଟଣା
### ଜଣେ ଅଟକ, ସ୍କୁଟି ସହ ଖୋକା ଜବତ

**ରେଙ୍ଗାଲି, ୨୫।୫ (ଡି.ଏନ.ଏ)** ରେଙ୍ଗାଲି ଥାନା ଅନ୍ତର୍ଗତ ମହାବୀର ଛକ ନିକଟରେ ପୂର୍ବଶତ୍ରୁତା ଓ ରାଜନୈତିକ ଆଲୋଚନାକୁ ନେଇ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଘଟିଛି। ଅମର ବାରିକ (୨୮) ନାମକ ଜଣେ ଯୁବକ ଗୁଳିମାଡର ଶିକାର ହୋଇ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରିଛି। ହେଲେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପୋଲିସ ତାଙ୍କ ନାମ ଗୁପ୍ତ ରଖିଛି। ଅନ୍ୟପକ୍ଷେ ପୋଲିସ ଘଟଣାସ୍ଥଳରୁ ଏକ ଖୋକା ସହ ଏକ ସ୍କୁଟି ଜବତ କରିଛି। ପିଙ୍କୁ ଚୌହାନ (୪୨) ନାମକ ଯୁବକଙ୍କ ବିରୋଧରେ ରେଙ୍ଗାଲି ଥାନାରେ ମାମଲା (ନଂ. ୮୨/୧୯) ରୁଜୁ ହୋଇଛି। ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ରେଙ୍ଗାଲି ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

### ଢାବାରୁ ମଦ ଜବତ, ୨ ଗିରଫ

**ଧମା, ୨୫।୫ (ଡି.ଏନ.ଏ.)** ଧମା ପୋଲିସ ସାହାସପୁରଠାରେ ଥିବା ୨ଟି ଢାବାରେ ଚଢ଼ାଉ କରି ବିଦେଶୀ ମଦ ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଦ୍ୱୟ ହେଲେ ହାଡୁ ନାଏକ ଏବଂ ପ୍ରଶାନ୍ତ ପ୍ରଧାନ। ଅବାଧ ମଦ କାରବାର ଅଭିଯୋଗରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

### କେମିକାଲ କମ୍ପାନୀ ସହିତ ୪ ସ୍ଥାନରେ ଅଗ୍ନିକାଣ୍ଡ

**ସମ୍ବଲପୁର,୨୫।୫(ବ୍ୟୁରୋ)** ସମ୍ବଲପୁର ଜିଲାରେ ଶନିବାର ୫ ଟି ସ୍ଥାନରେ ଛୋଟ ବଡ ଅଗ୍ନିକାଣ୍ଡ ଘଟିଛି। ସବୁଠୁ ବଡ ଅଗ୍ନିକାଣ୍ଡ ସଦର ଥାନା ଅନ୍ତର୍ଗତ ଜୟନ୍ତପୁର ଠାରେ ଥିବା ଅଗ୍ରୱାଲ ରାସାୟନ ନାମକ କେମିକାଲ କମ୍ପାନୀରେ ଘଟିଛି। ଅପରାହ୍ନ ୫ଟାରେ ୱେଲଡିଂ କରୁଥିବା ସମୟରେ ନିଆଁ ଲାଗି ଯାଇଥିଲା । କେମିକାଲରେ ନିଆଁ ଲାଗି ବ୍ୟାପି ଯାଇଥିଲା । ନିଆଁର ମାତ୍ରା ଏତ ଭୟଙ୍କର ଥିଲା ଯେ ୩ଟି ଦମକଳ ପ୍ରାୟ ୪୦ ମିନିଟ ଧରି ପରିଶ୍ରମ କରି ଆୟତ୍ତ କରିଥିଲେ । ୩ ଲକ୍ଷ ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା ବେଳେ କୌଣସି କର୍ମଚାରୀ ଆହତ ହୋଇ ନ ଥିବା ଜଣାପଡିଛି । ସେହିପରି ସକାଳେ ଅରଟିଓ ଅଫିସ ନିକଟ, ଅଶୋକା ଟକିଜ ରୋଡର ଏକ ଦୋକନ, ଜିଏମୟୁ ପରିସର ଏକ ଗଛ ଓ କୁଲୁଥକାନୀରେ ଏକ ଘରେ ନିଆ ଲାଗି ଯାଇଥିଲା।

### ଦୁର୍ଘଟଣାରେ ଏମ୍‌ସିଏଲ୍ କର୍ମଚାରୀଙ୍କ ମୃତ୍ୟୁ

**ଲଖନପୁର,୨୫।୫(ଡି.ଏନ୍.ଏ.)** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ବନ୍ଧବାହାଲ ବିଓସିଏମ୍ ଛକ ନିକଟ ରିଜିଓନାଲ ଷ୍ଟୋର୍ ସମ୍ମୁଖ କଲ୍‌ଭର୍ଟ ତଳୁ ଶନିବାର ପୋଲିସ ଏକ ମୃତଦେହ ସହ ଓଡି୨୩-ଏଫ୍୨୦୫୩ନଂ ବାଇକ୍ ଉଦ୍ଧାର କରିଛି। ମୃତକ ହେଲେ ହେମଗିର ଥାନା ଗୋପାଳପୁର ଗ୍ରାମର ସଦାନନ୍ଦ ଠାକୁର (୨୯)। ସେ ଏମ୍‌ସିଏଲ୍ ସମଲେଶ୍ୱରୀ ଖୋଲାମୁହଁ କୋଇଲା ଖଣିରେ କାମ କରୁଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ବନ୍ଧବାହାଲ ଫାଣ୍ଡିରେ ଏକ ମାମଲା (ନଂ-୬୫/୧୯) ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ବାଇକ୍ ଦୁର୍ଘଟଣାରେ ସଦାନନ୍ଦଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି।

## କର୍ମଚାରୀଙ୍କ ଦାୟିତ୍ୱହୀନତା
# ଖର୍ଚ୍ଚାନ୍ତ ସହ ହଇରାଣ ହେଲେ ଭିନ୍ନକ୍ଷମ

**ବଡ଼ଗାଁ,୨୫।୫(ଡି.ଏନ୍.ଏ.)** ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶନିବାର ଦିବ୍ୟାଙ୍ଗମାନେ ଖର୍ଚ୍ଚାନ୍ତ ସହ ହଇରାଣ ହୋଇଥିବା ଅଭିଯୋଗ ହୋଇଛି । ସୂଚନାନୁଯାୟୀ, ବଡ଼ଗାଁ ପ୍ରଶାସନ ବ୍ଲକ ପକ୍ଷରୁ ଶନିବାର ପୂର୍ବାହ୍ନରେ ବଡ଼ଗାଁ ସରକାରୀ ହାଇସ୍କୁଲ ପଛ ପଡ଼ିଆରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯିବାକୁ କିଛିଦିନ ପୂର୍ବରୁ ସମସ୍ତ ପଞ୍ଚାୟତକୁ ନୋଟିସ ଦିଆଯାଇଥିଲା । କିନ୍ତୁ କୌଣସି କାରଣରୁ ଶିବିରକୁ ସ୍ଥଗିତ ରଖାଯାଇଥିଲା । ଏ ସମ୍ପର୍କରେ ସମସ୍ତ ଦିବ୍ୟାଙ୍ଗଙ୍କ ଅବଗତ କରାଯାଇ ନ ଥିଲା । ଫଳରେ ଶନିବାର ସକାଳେ କେତେଜଣ ଦିବ୍ୟାଙ୍ଗ ହାଇସ୍କୁଲ ଓ ବ୍ଲକ ଅଫିସକୁ ଆସି ଅପେକ୍ଷା କରିଥିଲେ । ଆଲୁଡେଗା ଗ୍ରାମର ସୁଲେମାନ କୁଜୁର (୭୧), ଲରେନ୍ସ ମିଞ୍ଜ (୭୬)ଙ୍କୁ ପଚାରିବାରେ ଶିବିର ବାତିଲ କରାଯାଇଥିବା ନେଇ ଆମକୁ କେହି ଜଣାଇଲେ ନାହିଁ ବୋଲି କହିଛନ୍ତି । ସେହିପରି ସାହାଜବାହାଲ ଗୌଡ଼ପଡ଼ାର ନାରାୟଣ ଷଣ୍ଢ (୫୮) ଓ ଉଦ୍ଧବ ବନଚୁର (୬୫) ସକାଳେ ବ୍ଲକ ଅଫିସକୁ ଆସି ବସିଥିବାବେଳେ ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋ ସେଠାରେ ପହଞ୍ଚି ଶିବିର ବାତିଲ ହୋଇଥିବା ଜଣାଇଥିଲେ । ଏ ସମ୍ପର୍କରେ ସାହାଜବାହାଲ ସରପଞ୍ଚ ଟପ୍ପୋଙ୍କୁ ପଚାରିବାରେ ସେ କହିଲେ ୱାର୍ଡ ମେମ୍ବର, ଅଙ୍ଗନୱାଡି କର୍ମୀ, ଗାଁ ସାଥୀଙ୍କ ମାଧ୍ୟମରେ ସୂଚନା ଦିଆଯାଇଥିଲା । ସେମାନେ ଜଣାଇ ନ ଥିବେ ବୋଲି କହିଛନ୍ତି । ତେବେ ଦିବ୍ୟାଙ୍ଗମାନଙ୍କ କ୍ଷେତ୍ରରେ ମଧ୍ୟ ସମ୍ବେଦନଶୀଳତା ଦେଖା ନ ଯିବା ସରକାରୀ କର୍ମଚାରୀ ଓ ଜନ ପ୍ରତିନିଧିମାନଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବାତିଲ ସମ୍ପର୍କରେ ଜଣାଉଛନ୍ତି ସରପଞ୍ଚ ।

## ପୋଖରୀରେ ବୁଡି ନବୋଦୟ ଛାତ୍ରଙ୍କ ମୃତ୍ୟୁ ଘଟଣା
# ଗୌରାଙ୍ଗ ଏକାଡେମି ମାଲିକଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଜାମିନ

**ସମ୍ବଲପୁର,୨୫।୫(ବ୍ୟୁରୋ)** ସମ୍ବଲପୁର ଅଇଁଠାପାଲି ଥାନା କାଇଁଶିର ଗ୍ରାମ ନିକଟ ଏକ ଗାଡିଆରେ ବୁଡି ଶୁକ୍ରବାର ବାମରାର ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋଶାଳାସ୍ଥିତ ନବୋଦୟ ସ୍କୁଲର ରଜତ କୁମାର ସାହୁ । କାଇଁଶିରସ୍ଥିତ ଗୌରାଙ୍ଗ ଏକାଡେମିରେ ସେ ଗ୍ରୀଷ୍ମକାଳିନ ଶିବିରରେ ଯୋଗ ଦେଇଥିଲେ । ତେବେ ତାଙ୍କ ବାପା ଲକ୍ଷ୍ମୀଧର ସାହୁ ଅଭିଯୋଗ କରିଛନ୍ତି ଯେ, ରଜତଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଛି। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି। ଅନ୍ୟପଟେ ଏକାଡେମି ମାଲିକ ଅସିତ ପୁରୋହିତଙ୍କୁ ଥାନାରେ ପଚରା ଉଚୁରା କରି ବ୍ୟକ୍ତିଗତ ମୁଚାଲିକାରେ ଛଡା ଯାଇଛି । ସେ ସହର ବାହରକୁ ଯାଇ ପାରିବେ ନାହିଁ ଓ ପୋଲିସ ତଦନ୍ତରେ ସହଯୋଗ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି । ଏକାଡେମିର ରେଜିଷ୍ଟ୍ରେଶନ, ପିଲାଙ୍କ ରହିବା ପାଇଁ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା ଭଳି ଅନେକ ଦିଗ ଉପରେ ପୋଲିସ ତଦନ୍ତ କରିବ । ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ କହିଛନ୍ତି । ତେବେ ସମ୍ବଲପୁର ସହରରେ ଏଭଳି ଅନେକ ଅନୁଷ୍ଠାନ ରହିଛି । ଏ ସବୁ ବେଆଇନ ଭାବେ ଚାଲୁଛି । ସେ ଗୁଡିକ ମଧ୍ୟ ଯାଞ୍ଚ କରିବାକୁ ଦାବି ହେଉଛି।

# ଅଣୁଯୋଜନା ତାଲିମ ଶିବିର



ରେଙ୍ଗାଲି ବନ ବିଭାଗ କାର୍ଯ୍ୟାଳୟରେ ଅନୁଷ୍ଠିତ ତାଲିମ ଶିବିରରେ ଉପସ୍ଥିତ ବ୍ୟକ୍ତିବିଶେଷ ।

**ଧମା, ୨୫।୫ (ଡି.ଏନ.ଏ)** ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟଠାରେ ଶନିବାର ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ପ୍ରକଳ୍ପ କର୍ମଚାରୀମାନଙ୍କୁ ନେଇ ବନସୁରକ୍ଷା ସମିତିସ୍ତରରେ ଅଣୁ ଯୋଜନା ପ୍ରସ୍ତୁତ ସମ୍ବନ୍ଧରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଧମା ରେଞ୍ଜର ବିଦ୍ୟାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏଫଓ ଡ. ସଞ୍ଜିତ କୁମାର ଯୋଗ ଦେଇ ସୁରକ୍ଷିତ ଜଙ୍ଗଲର ପରିଚାଳନା ଓ ସଂରକ୍ଷଣ କରିବା, ଆବଶ୍ୟକୀୟ ଅନ୍ୟ ସରକାରୀ ବିଭାଗର ସକ୍ରିୟ ଅଂଶ ଗ୍ରହଣ ମାଧ୍ୟମରେ ଜଙ୍ଗଲ ଅଞ୍ଚଳ ବାହାରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ସହ ଜଙ୍ଗଲ ଭିତ୍ତିକ ଜୀବନ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ଏକତ୍ରିକରଣ ହିଁ ଅଣୁଯୋଜନାର ଲକ୍ଷ୍ୟ ଏବଂ ଏହାକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ସମ୍ବନ୍ଧରେ ଧାରଣା ଦେଇଥିଲେ । ଏସିଏଫ ପଙ୍କଜ କୁମାର ପଣ୍ଡା, ବିଷୟ ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, କ୍ଷେତ୍ର ସଂଯୋଜକ ସୁଶିଲ ପାତ୍ର ଓ ନିକୁଞ୍ଜ ପଧାନ ପ୍ରମୁଖ ଯୋଗଦେଇ ଅଣୁଯୋଜନା ପ୍ରସ୍ତୁତି ଉପରେ ତାଲିମ ପ୍ରଦାନ କରିଥିଲେ । ଶେଷରେ ଏସିଏଫ ଲକ୍ଷ୍ମଣ ମାରାଣ୍ଡି ଧନ୍ୟବାଦ ଦେଇଥିଲେ ।

# ଗ୍ରୀଷ୍ମକାଳୀନ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ୨୫।୫ (ବ୍ୟୁରୋ)** ସମ୍ବଲପୁର ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ କଳା ଓ କଳାକାର ପକ୍ଷରୁ ଶନିବାର ଗ୍ରୀଷ୍ମକାଳୀନ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହରର ବିଭିନ୍ନ ସ୍କୁଲ, କଲେଜର ୧୫୦ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚିତ୍ରଶିଳ୍ପୀ ପ୍ରଶାନ୍ତ ମାଝୀ, ଜଗନ୍ନାଥ ବେହେରା, ସୁଦାମ ପଣ୍ଡା, ପବିତ୍ର ବେରିହା, ଗୌରିଦାସ ପଣ୍ଡା, କୁଳଦୀପ ବର୍ମା, ଆଶିଷ ମେହେର, ସୁମନ ବେରା, ନମ୍ରତା ନାୟକ, ଲିଲିମା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ଓ ରାଧାରମଣ ମୁଦୁଲି ଅତିଥି ଭାବେ ଯୋଗ ଦେଇଥିଲେ ।



ଶନିବାର ସମ୍ବଲପୁରରେ ଆୟୋଜିତ ଗ୍ରୀଷ୍ମକାଳୀନ ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ।

## ଅଗ୍ନିକାଣ୍ଡରେ ଜଳିଗଲା ଲକ୍ଷାଧିକ ମୂଲ୍ୟର ଜିନିଷ

**ରାଉରକେଲା ଅଫିସ,୨୫।୫** ସେକ୍ଟର ୬ ଅଞ୍ଚଳରେ ଶନିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଜଣଙ୍କର ସର୍ବସ୍ୱ ନଷ୍ଟ ହୋଇଯାଇଛି । ଗୃହକର୍ତ୍ତାଙ୍କ ସମସ୍ତ ଜିନିଷ ଜଳିପୋଡି ପାଉଁଶ ହୋଇ ଯାଇଛି। ସୂଚନାନୁସାରେ କ୍ୱାର୍ଟର୍ସ ନଂ.ସି/ ୧୩୦ ପଛକୁ ରହିଥିବା ଏକ ସଂପ୍ରସାରିତ ଘରେ ରହୁଥିବା ପ୍ରଦୀପ ମହାନ୍ତିଙ୍କ ଘରେ ମଧ୍ୟାହ୍ନ ସାଢେ ୧୨ଟାରେ ଅଗ୍ନିକାଣ୍ଡ ଘଟିଥିଲା । ଧୂପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାରମ୍ଭିକ ସୂଚନା ମିଳିଛି। ଖବରପାଇ ଆରଏସପି ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ ।

# ମେଳିହେଲେ ୧୫ ପଞ୍ଚାୟତ ଉପଭୋକ୍ତା
## ଝାରୁପଡ଼ା ସବ୍‌ଷ୍ଟେଶନରେ ବିଦ୍ୟୁତ୍ ବିଭ୍ରାଟ
### ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିବେ

**ଲଖନପୁର,୨୫।୫(ଡି.ଏନ୍.ଏ.)** ଝାରସୁଗୁଡ଼ା ଜିଲା ବେଲପାହାଡ଼ ବିଦ୍ୟୁତ ସବ୍‌ଡିଭିଜନ୍ ଅଧୀନ ଝାରୁପଡ଼ା ସବ୍‌ଷ୍ଟେଶନରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ଦେଖାଦେଉଛି। ଫଳରେ ୧୯ଖଣ୍ଡ ମୌଜା ସମେତ ୧୫ ପଞ୍ଚାୟତରେ ଏହାର ପ୍ରଭାବ ପଡୁଛି। ଗୀଷ୍ମ ପ୍ରବାହରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ଶନିବାର ସନ୍ଧ୍ୟାରେ ମାହାସିଂହ ବସ୍‌ଷ୍ଟାଣ୍ଡରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନତ ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ପଞ୍ଚାୟତର ଶତାଧିକ ଉପଭୋକ୍ତା ଯୋଗଦେଇଥିଲେ। ଦୀର୍ଘ ଦୂରତ୍ୱ ଅତିକ୍ରମ କରି ଝାରୁପଡ଼ା ସବ୍‌ଷ୍ଟେଶନକୁ ବିଦ୍ୟୁତ୍ ସଂଯୋଗ ହୋଇଛି। ରାସ୍ତାରେ ଜଙ୍ଗଲ ରହିଛି। ଗଛତଳେ ବିଦ୍ୟୁତ୍ ତାର ଟଣାଯାଇଛି। ସାମନ୍ୟ ପବନ ହେଲେ ଗଛଡାଳ ବାଜି ଅଧିକାଂଶ ସମୟରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଉଛି। ଏହାର ସମାଧାନ ପାଇଁ ଜିଲା ଖଣିଜ ପାଣ୍ଠି ବ୍ୟୟରେ ମିନି ଟାୱାର ନିର୍ମାଣ କରାଯାଇ ବେଲପାହାଡ଼ରୁ ଝାରୁପଡ଼ା ସବ୍‌ଷ୍ଟେଶନକୁ ୩୩କେଭି ବିଦ୍ୟୁତ୍ ସଂଯୋଜକ କରିବାକୁ ବୈଠକରେ ଦାବି କରାଯାଇଛି। ସେହିପରି ମାଟି ତଳେ କେବୁଲ ବିଛାଯାଇ ୧୧କେଭି ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ବୈଠକରେ ଏକ ପ୍ରସ୍ତାବ ଗୃହୀତ ହୋଇଛି। ସୋମବାର ଏକ ପ୍ରତିନିଧିଦଳ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## କଲଚରାଲ ଏକାଡେମି ପକ୍ଷରୁ ସାହିତ୍ୟ ଆସର

**ରାଉରକେଲା ଅଫିସ,୨୫।୫** କଲଚରାଲ ଏକାଡେମି ପରିସରରେ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡଃ. ପ୍ରଭାତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ଅକ୍ଷୟ ସାମଲ ଏ ନେଇ ସୂଚନା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଓଡିଶା ସାହିତ୍ୟ ଏକାଡେମି ସଭାପତି ତଥା ବିଶିଷ୍ଟ ସାହିତ୍ୟିକ, ନାଟ୍ୟକାର ହରିହର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଗାଳ୍ପିକ ଭୂପେନ ମହାପାତ୍ରଙ୍କ ଲିଖିତ ପୁସ୍ତକ 'ମହାଭାରତ'କୁ ମିଶ୍ର ଉନ୍ମୋଚନ କରିଥିଲ। ପୁସ୍ତକର ସମୀକ୍ଷା କରିଥିଲେ ଡଃ ମଲ୍ଲିକ। ଏହି କାର୍ଯ୍ୟକ୍ରମରେ ଡଃ କୃପାସିନ୍ଧୁ ନାୟକ, କୈଳାସ ସାବତ, କେଦାରନାଥ ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ସୁକାନ୍ତ ମହାପାତ୍ର, ଅଦୈତ ବିଶ୍ୱାଳ, ବବିତା ମହାପାତ୍ର, ଗୋକୁଳାନନ୍ଦ ଦାସ, କାଶୀନାଥ ପାତ୍ର ଓ ସୁକାନ୍ତ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

# ରେଙ୍ଗାଲିରେ ଭାଜପାର ବିଜୟ ଶୋଭାଯାତ୍ରା



ରେଙ୍ଗାଲିରେ ଭାଜପାର ବିଜୟ ଯାତ୍ରାରେ ସମର୍ଥକଙ୍କ ସହ ନାଉରି ନାଏକ।

**ରେଙ୍ଗାଲି, ୨୫।୫ (ଡି.ଏନ.ଏ.)** ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଭାଜପା ପକ୍ଷରୁ ଶନିବାର ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଚଳିତ ୨୦୧୯ ସାଧାରଣ ନିର୍ବାଚନରେ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଜୟ ବାନା ଉଡାଇଛି। ବିଧାୟକ ଭାବେ ଦଳର ନାଉରୀ ନାଏକ ବିଜୟଲାଭ କରିଛନ୍ତି। ତେବେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲଙ୍କ ନେତୃତ୍ୱରେ ରେଙ୍ଗାଲି ବାବା ମନ୍ଦିରଠାରୁ ରାମଚନ୍ଦ୍ରନଗର ପର୍ଯ୍ୟନ୍ତ ଏହି ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ବାବା ମନ୍ଦିରରୁ ଶୋଭାଯାତ୍ରା ବାହାରି ପ୍ରଥମେ ରେଙ୍ଗାଲି ସହର ପରିକ୍ରମା କରିଥିଲା। କର୍ମୀଙ୍କ ମଧ୍ୟରେ ବହୁ ଉଲ୍ଲାସ ଦେଖିବାକୁ ମିଳିଥିଲା । କର୍ମୀମାନେ ନିଜ ନିଜ ମଧ୍ୟରେ ରଙ୍ଗ ଲଗାଇଥିଲେ । ଭାଜପା କର୍ମୀ ବାଣ ଫୁଟାଇବା ସହ ରେଙ୍ଗାଲିରେ ଅଦିନିଆ ଦୀପାବଳୀ ପାଳିଥିଲେ। ଏହି ବିଜୟ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା, ବରିଷ୍ଠ ଭାଜପା ନେତା ଡ. ଅର୍ଜୁନ ନାଏକ, ବିଶିକେସନ ପଣ୍ଡା ଏବଂ କର୍ମୀ ସାମିଲ ହୋଇଥିଲେ ।

## ଫଟୋରେ ଖବର





ସୁନ୍ଦରଗଡ ଜିଲା ତଳସରା ବିଧାନସଭା ନିର୍ବାଚନମଣ୍ଡଳୀରୁ ନବନିର୍ବାଚିତ ଭାଜପା ବିଧାୟକ ଭବାନୀଶଙ୍କର ଭୋଇ ବଡ଼ଗାଁରେ ବିଜୟ ଶୋଭାଯାତ୍ରା କରୁଛନ୍ତି (ବାମ)। ସମ୍ବଲପୁର ଠେଲକୋପଡାରେ ହେବାକୁ ଥିବା ଅଷ୍ଟପ୍ରହର ନାମଯଜ୍ଞ ଲାଗି ଶନିବାର ରାତିରେ ଭକ୍ତଙ୍କ କଳସ ଯାତ୍ରା ।



ଯାହା କ୍ଷତି ହୋଇଗଲାଣି, ସେଥିପାଇଁ ବସି ଲୁହ ଗଡ଼ାଇବା ନୁହେଁ, ତାକୁ ପୂରଣ କରିବା ପାଇଁ ପ୍ରଫୁଲ୍ଲ ଚିତ୍ତରେ ଆଗେଇ ଯିବା ହେଉଛି ବିଜ୍ଞ ଲୋକର କାମ।

- ସେକ୍ସପିୟର

## ସଂକ୍ଷେପରେ

### ବଢୁଛି ନିଶା କାରବାର

ଅତାବିରା, ୨୫।୫ (ଡି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ଓ ଭେଡେନ ବ୍ଲକ ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି । ଗ୍ରାମାଞ୍ଚଳର ଗଳିକନ୍ଦି, ବିଭିନ୍ନ ଛକ, ହୋଟେଲ, ପାନ ଦୋକାନ, ଢ଼ାବା ଗୁଡିକରେ ନିଶାଦ୍ରବ୍ୟ ବିକ୍ରି ହେବା ସହିତ ମଦ କାରବାର ଚାଲିଛି । ନିଶା କାରବାର ଯୋଗୁ ଦିନକୁ ଦିନ ଯୁବପିଢ଼ି ପଥଭ୍ରଷ୍ଟ ହେଉଛି । ଏ ନେଇ ଅତାବିରା ଥାନା ଅଧିକାରୀ ପୁରୁଷୋତ୍ତମ ଭୋଇ ଓ ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆଙ୍କୁ ପଚରାଯିବାରୁ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ୨୪ ପ୍ରହର ନାମଯଜ୍ଞ

ଜହ୍ନାପଙ୍କ, ୨୫।୫ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଗ୍ରାମରେ ଚାଲିଥିବା ୨୪ ପ୍ରହର ନାମଯଜ୍ଞ ଶନିବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଛି । ଏଥିରେ ସୁଧାଂଶୁ ଶେଖର ପ୍ରଧାନ ଓ ତାଙ୍କ ସ୍ତ୍ରୀ ତପସ୍ୱିନୀ ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ଭାବେ ନାରାୟଣ ମିଶ୍ର ଓ ଅମ୍ବରିଶ ପଡପଣ୍ଡା ସହଯୋଗ କରିଥିଲେ । ଜହ୍ନାପଙ୍କ ସଂକୀର୍ତ୍ତନ ଦଳ ଦ୍ୱାରା ଅଧିବାସ ଓ ପୂର୍ଣ୍ଣାହୁତି ହୋଇଥିଲା । ତିନି ଦିନ ବ୍ୟାପୀ ଏହି ନାମଯଜ୍ଞରେ ୪୨ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । ସଭାପତି ସୁମନ ପ୍ରଧାନ, ସମ୍ପାଦକ ଅରୁଣ ପ୍ରଧାନ ଓ କୋଷାଧକ୍ଷ ଦଶରଥ ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ୍ୟ କମିଟି ଓ ଗ୍ରାମବାସୀ ସହଯୋଗ କରିଥିଲେ ।

### ନାବାଳିକା ୫ ମାସର ଗର୍ଭବତୀ

ବରପାଲି, ୨୫।୫ (ଡି.ଏନ.ଏ)

ବରପାଲି ବ୍ଲକ ବରମକେଲା ପଞ୍ଚାୟତ ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିବାହିତ ଯୁବକ ଜଣେ ୧୨ ବର୍ଷର ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ସମ୍ପୃକ୍ତ ନାବାଳିକା ଜଣକ ଏବେ ୫ମାସର ଗର୍ଭବତୀ ହୋଇଛନ୍ତି । ଏହା ଜଣାପଡିବା ପରେ ନାବାଳିକାଙ୍କ ପିତା ଶନିବାର ବରପାଲି ଥାନାରେ ଏତଲା ଦେଇଛନ୍ତି । ଅଭିଯୋଗ ପାଇବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଅଭିଯୁକ୍ତ ଯୁବକ ଫେରାର ଅଛନ୍ତି ।

# ମନ୍ତ୍ରୀ ପଦକୁ ନେଇ ଚର୍ଚ୍ଚା

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୫।୫



ସ୍ନେହାଙ୍ଗିନୀ ଛୁରିଆ ।



ଦେବେଶ ଆଚାର୍ଯ୍ୟ ।



ସୁଶାନ୍ତ ସିଂ ।



ବିଜୟ ରଞ୍ଜନ ସିଂ ବରିହା ।

**ବରଗଡ଼ ଜିଲ୍ଲା**

ସାଧାରଣ ନିର୍ବାଚନ ଫଳାଫଳ ଘୋଷଣା ପରେ ଏବେ ମନ୍ତ୍ରୀପଦକୁ ନେଇ ସବୁଠି ଚର୍ଚ୍ଚା । ବରଗଡ଼ ଜିଲା ମଧ୍ୟ ଏଥିରୁ ବାଦ୍ ପଡ଼ିନି । ଏଥର ଜିଲାର ସମସ୍ତ ୫ଟି ଯାକ ବିଧାନସଭା ଆସନକୁ ହାତେଇଛି ବିଜେଡ଼ି । ଜିଲାରୁ ବିଜେଡ଼ି ପ୍ରାର୍ଥୀ ଭାବେ ଜିତିଥିବା ନବୀନ ଏଥର ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇ ସାରିଛି । ତେବେ ଜିଲାକୁ ଏଥର ମୁଖ୍ୟମନ୍ତ୍ରୀ ପଦ ମିଳୁଥିବାବେଳେ ବିଗତଥର ଭଳି ଏକାଧିକ ମନ୍ତ୍ରୀ ପଦ ମିଳିବ କି ନାହିଁ, ତାକୁ ନେଇ ଏବେଠାରୁ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତଥାପି ଜିଲାର ଅନ୍ୟ ୪ ବିଧାୟକ ମନ୍ତ୍ରୀପଦ ଦୌଡ଼ରେ ରହିଛନ୍ତି। ଜିଲାକୁ ଯଦି ଏକାଧିକ ମନ୍ତ୍ରୀପଦ ମିଳେ, ସେହି ୪ ବିଧାୟକଙ୍କ ମଧ୍ୟରୁ କାହା ମୁଣ୍ଡରେ ମୁଖ୍ୟମନ୍ତ୍ରୀ ସୁନାକଳସ ଢ଼ାଳିବେ ଏବଂ କିଏ ବାଦ୍ ପଡ଼ିବେ, ତାହା ଏବେ ଏଠାରେ ଆଲୋଚନାର ବିଷୟ ହୋଇଛି।

ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ୨୦୦୯ ସାଧାରଣ ନିର୍ବାଚନରେ ବିଫଳ ହୋଇଥିଲେ ହେଁ ୨୦୧୪ରୁ ଏଥର ତାଙ୍କ କ୍ରମାଗତ ଦ୍ୱିତୀୟ ବିଜୟ ହୋଇଛି। ପ୍ରଥମ ବିଜୟରେ ତାଙ୍କୁ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀପଦ ମିଳିଥିଲା। ଫଳରେ ଏଥର ତାଙ୍କୁ ଅଣଦେଖା କରାଯାଇ ନ ପାରେ। ସେହିପରି ଜିଲାର ଏକମାତ୍ର ବିଧାୟିକା ହୋଇଥିବାବେଳେ ସେ ଅନୁସୂଚୀତ ଜାତି(ଏସସି) ବର୍ଗର ଏବଂ ଏମଏ ବିଇଡି ଡିଗ୍ରୀଧାରୀ ଉଚ୍ଚଶିକ୍ଷିତା । ଏହା ସହିତ ଅତାବିରା ଏନଏସି ସମେତ ଉଭୟ ଅତାବିରା ଓ ଭେଡ଼େନ ପଞ୍ଚାୟତ ସମିତି ବିଜେଡ଼ି ଦଖଲକୁ ଆଣିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି ।

ନବୀନଙ୍କ ମନ୍ତ୍ରୀମଣ୍ଡଳରେ ଯୁବ ବିଧାୟକଙ୍କୁ ସାମିଲ ନେଇ ଚର୍ଚ୍ଚା ଚାଲିଛି। ଫଳରେ କ୍ରମାଗତ ଦ୍ୱିତୀୟଥର ବରଗଡ଼ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିବା ଦେବେଶ ଆଚାର୍ଯ୍ୟଙ୍କୁ ମନ୍ତ୍ରୀପଦ ମିଳିବା ସମ୍ଭାବନା ରହିଛି । ଅଞ୍ଚଳରେ ବିଜେଡ଼ି ସଙ୍ଗଠନକୁ ସୁଦୃଢ଼ ରଖି ଉଭୟ ବ୍ଲକ, ପୌର ପରିଷଦ ବିଜେଡ଼ି ଦଖଲକୁ ଆଣିବାରେ ଦେବେଶଙ୍କ ପ୍ରମୁଖ ଭୂମିକା ରହିଛି । ସେହିପରି ନିର୍ବାଚନୀ ପ୍ରଚାର ପାଇଁ ଜିଲାର ଅନ୍ୟ ନିର୍ବାଚନ ମଣ୍ଡଳୀକୁ ନ ଆସି ବରଗଡ଼କୁ ବିରୋଧୀ ଦଳ ଅର୍ଥାତ୍ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ଭଳି ଟାଣୁଆ ନେତା ଆସି ପ୍ରଚାର କରିଥିଲେ । ଏହାସତ୍ତ୍ୱେ ଫଳାଫଳରେ କଂଗ୍ରେସ ଓ ଭାଜପାକୁ ଚକ୍‌ମା ଦେଖାଇ ଦେବେଶ ବରଗଡ଼ ବିଧାନସଭା ଆସନକୁ ହାତେବାରେ ସଫଳ ହୋଇଛନ୍ତି ।

ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କ୍ରମାଗତ ତୃତୀୟଥର ପାଇଁ ନିର୍ବାଚିତ ସୁଶାନ୍ତ ସିଂ ମଧ୍ୟ ଜଣେ ଯୁବ ବିଧାୟକ । ନିର୍ବାଚନକୁ ଓହ୍ଲାଇବା ପରେ ପ୍ରଥମ ବିଜୟରେ ତାଙ୍କୁ ମନ୍ତ୍ରୀପଦ ମିଳି ନ ଥିଲା । ମାତ୍ର ଦ୍ୱିତୀୟ ବିଜୟ ପରେ ସୁଶାନ୍ତଙ୍କୁ ୨ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ଥାତ୍ ଶ୍ରମ ଓ ଶକ୍ତିମନ୍ତ୍ରୀ ପଦ ମିଳିଥିଲା । ବିଜେପୁର ଉପନିର୍ବାଚନର ବୃହତ୍ ବିଜୟରେ ତାଙ୍କର ଯଥେଷ୍ଟ ଭୂମିକା ରହିଥିଲା । ନିର୍ବାଚନ ମଣ୍ଡଳୀର ଭଟଲି, ସୋହେଲା ଓ ଅମ୍ବାଭୋନା ପଞ୍ଚାୟତ ସମିତି ବିଜେଡ଼ି ଦଖଲରେ ରଖିବାରେ କ୍ରମାଗତ ସଫଳ ହୋଇଆସୁଥିବାବେଳେ ଏଥର ବିଜେପୁର ନିର୍ବାଚନରେ ମଧ୍ୟ ସୁଶାନ୍ତ ସକ୍ରିୟ ଥିଲେ । ଏହି ଦୃଷ୍ଟିରୁ ତାଙ୍କୁ ପୁଣି ମନ୍ତ୍ରୀପଦ ମିଳିବା ସମ୍ଭାବନା ରହିଛି ।

ପଦ୍ମପୁର ବିଧାନସଭା ଆସନରୁ ନିର୍ବାଚିତ ବିଜୟ ରଞ୍ଜନ ସିଂ ବରିହାଙ୍କୁ ମଧ୍ୟ ମନ୍ତ୍ରୀପଦ ମିଳିପାରେ ବୋଲି ଚର୍ଚ୍ଚା ଚାଲିଛି । ଜଣେ ପୂର୍ବତନ ମନ୍ତ୍ରୀ ଓ ଦଳର ବରିଷ୍ଠ ନେତା ଭାବେ ଜଣାଶୁଣା ସିଂ ବରିହା ୨୦୧୪ ନିର୍ବାଚନରେ ହାରିଥିଲେ । କିନ୍ତୁ ଜିଲାର ଏକମାତ୍ର ବିଧାନସଭା ଆସନ ପଦ୍ମପୁର ଭାଜପା ଦଖଲରେ ଥିଲେ ମଧ୍ୟ ଏଥର ସେ ନିର୍ବାଚନ ବୈତରଣୀ ପାରି ହେବାରେ ସଫଳ ହୋଇଛନ୍ତି । ସେହିପରି ପଞ୍ଚାୟତ ଭୋଟ୍‌ବେଳେ ରାଜବୋଡ଼ାସମ୍ବର (ପଦ୍ମପୁର) ବ୍ଲକକୁ ନିଜ ଦଖଲକୁ ଆଣିପାରି ନ ଥିଲେ ସୁଦ୍ଧା ଝାରବନ୍ଧ, ପାଇକମାଳ ବ୍ଲକ ଏବଂ ପଦ୍ମପୁର ଏନଏସି ବିଜେଡ଼ି ଦଖଲରେ ରଖିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ସେହିପରି ସେ ଅନୁସୂଚୀତ ଜନଜାତି ବର୍ଗ(ଏସଟି)ର । ଏହିସବୁ ଦୃଷ୍ଟିରୁ ମନ୍ତ୍ରୀମଣ୍ଡଳରେ ପୁରୁଖା ନେତାଙ୍କୁ ସ୍ଥାନ ଦିଆଗଲେ ବରିହାଙ୍କୁ ସେହି ସୁଯୋଗ ମିଳିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

## ବସ୍ ଧକ୍କାରେ ଶ୍ରମିକ ମୃତ

ମନମୁଣ୍ଡା, ୨୫।୫ (ଡି.ଏନ.ଏ)

ମନମୁଣ୍ଡା ଥାନା ଦହ୍ୟା-ଚଉଁରିଆପଦର ଇଟା ଫ୍ୟାକ୍ଟ୍ରି ନିକଟ ଏନଏଚ-୫୭ରେ ଶନିବାର ଭୋର ସମୟରେ ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ଧକ୍କା ଦେବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ରକ୍ସା ଗ୍ରାମର ରାଘବ ମହାନନ୍ଦିଆ (୫୦)। ରାଘବ ନୂଆପାଲିରୁ ନିଜ ଘରକୁ ସାଇକେଲ ଯୋଗେ ଫେରୁଥିବା ବେଳେ ଭୁବନେଶ୍ୱରରୁ ବଲାଙ୍ଗୀର ଯାଉଥିବା ପ୍ରଶାନ୍ତି ନାମକ ଏକ ବସ୍ (ନଂ. ଓଆର୍ ୦୨ ଏଆର/୪୧୯୯) ତାଙ୍କୁ ଧକ୍କା ଦେଇଥିଲା । ପୋଲିସ ବସ୍‌କୁ ଜବତ କରିବା ସହ ଡ୍ରାଇଭର ତ୍ରିଲୋଚନ ମହାନ୍ତିଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି । ମନମୁଣ୍ଡା ସିଏଚସିରେ ଶବ ବ୍ୟବଚ୍ଛେଦ କରାଯିଲା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

## ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି

ବରପାଲି, ୨୫।୫ (ଡି.ଏନ.ଏ)

ବରପାଲିର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଶନିବାର ସକାଳେ ସ୍ଥାନୀୟ ନୃପରାଜ କ୍ଲବ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ଯାତ୍ରା ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ଲୋକଭିମୁଖି କରିବା ପାଇଁ ସୂଚନା ଦିଆଯାଇଥିଲା । ଆସନ୍ତା ଜୁନ ୩ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସପ୍ତାହ ବ୍ୟାପୀ ଯାତ୍ରାରେ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି । ୪୦ କେଜି ରୁପାରେ ନିର୍ମିତ ମୁଖ୍ୟ ପରଭା ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ରୁଦ୍ରଯଜ୍ଞ ଆୟୋଜନ କରାଯିବା ସହ ରୁଦ୍ରଜ୍ୟୋତି ମାଗାଜିନ ମଧ ପ୍ରକାଶ ପାଇବ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧରେ ମଣିପୁରୀ, ପଞ୍ଜାବୀ, ରାଜସ୍ଥାନ ଓ ଦକ୍ଷିଣ ଭାରତର ଦଶାବତାର ଆଦି ନୃତ୍ୟ ଓ ଆତସବାଜି କାର୍ଯ୍ୟକ୍ରମ ରହିଥିବା ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତୀ ତ୍ରିପାଠୀ, ସରୋଜ ତ୍ରିପାଠୀ, ପିନାକୀ ଦାଶ, ଜୟ ମିଶ୍ର, ବିକ୍ରମ ସାହୁ, ରାଧେଶ୍ୟାମ ସାହୁ, ବାଳକୃଷ୍ଣ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୁନ ୩ରୁ ଆନନ୍ଦ ଆଚାର୍ଯ୍ୟ କ୍ରିକେଟ ଲିଗ୍

ବରଗଡ଼ ଅଫିସ୍,୨୫।୫

ବରଗଡ଼ରେ ଆନନ୍ଦ ଆଚାର୍ଯ୍ୟ କ୍ରିକେଟ ଲିଗ୍ ଆସନ୍ତା ଜୁନ ୩ ତାରିଖରୁ ସ୍ଥାନୀୟ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଆରମ୍ଭ ହେବ। ଏଥିରେ ବରଗଡ଼ ସ୍ୱାଟନ୍ସ, ବରଗଡ଼ ରୟାଲ ଟାଇଗର, ସୁରେନ୍ଦ୍ର ବୀର, ଶକ୍ତି ୱାରିୟର୍ସ ଏବଂ ପପଙ୍ଗା ବୀର୍ସ ଦଳ ଭାଗ ନେବେ । ଏଥିପାଇଁ ଶୁକ୍ରବାର ଖେଳାଳି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ ଦଳ ଗୁଡ଼ିକ ଦଳ ପାଇଁ ୧୫ଜଣ ଲେଖାଏଁ ଖେଳାଳି ଚୟନ କରିଥିଲେ। ଖେଳାଳି ଚୟନବେଳେ ଦଳ ଗୁଡ଼ିକର ଫ୍ରାଞ୍ଚାଇଜି ଓ ଆଇକନ ପ୍ଲେୟାରମାନେ ଉପସ୍ଥିତ ଥିଲେ। ବରଗଡ଼ ରୟାଲ ଟାଇଗର୍‌ର ଫ୍ରାଞ୍ଚାଇଜି ସୁବ୍ରତ ମିଶ୍ର, ଆଇକନ ପ୍ଲେୟାର ରାହୁଲ ଚୌଧୁରୀ, ସୁରେନ୍ଦ୍ର ବୀର୍‌ର ଫ୍ରାଞ୍ଚାଇଜି ଅକ୍ଷୟ ଯୋଶୀ, ଆଇକନ ପ୍ଲେୟାର ସଂକଳ୍ପ ରାଉତ୍, ଶକ୍ତି ୱାରିୟର୍ସର ଫ୍ରାଞ୍ଚାଇଜି ଭୀଷ୍ମଦେବ ଦୋରା ଆଇକନ ପ୍ଲେୟାର ପ୍ରବୀଣ ଲୁହା, ପପଙ୍ଗା ବୀର୍‌ର ଫ୍ରାଞ୍ଚାଇଜି ଶୁଭମ ଏସ୍ ଛୁରିଆ, ଆଇକନ ପ୍ଲେୟାର ପ୍ରଭଞ୍ଜନ ସାହୁ, ବରଗଡ଼ ସ୍ୱାଟନ୍ସର ଫ୍ରାଞ୍ଚାଇଜି କ୍ରିଷ୍ଣା ନକୁଳା, ରୋହିତ ପିପଲାନୀ, ଆଇକନ ପ୍ଲେୟାର ମହମ୍ମଦ ସଲିମ ପ୍ରମୁଖ ଉପସ୍ଥିତ ରହି ଦଳ ପାଇଁ ଖେଳାଳି ବାଛିଥିଲେ । ଦେବଦତ୍ତ ମିଶ୍ର, ମହମ୍ମଦ ସବଦର୍, ୱାସିମ ରାଜା ପ୍ରମୁଖ ଖେଳାଳି ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ । ହରିହର ପ୍ରଧାନ, ଅମୀୟ ଭୂଷଣ ସାହୁ, ମନୋଜ ଶର୍ମା ପ୍ରମୁଖ ସହଯୋଗ କରିଥିଲେ । ମ୍ୟାଚ ଗୁଡ଼ିକ ଫ୍ଲଡ଼ ଲାଇଟ୍‌ରେ ହେବ ଏବଂ ଜୁନ ୯ତାରିଖରେ ଫାଇନାଲ ମ୍ୟାଚ୍ ହେବାର କାର୍ଯ୍ୟକ୍ରମ ରହିଛି ।

## କାର୍-ବାଇକ୍ ମୁହାଁମୁହିଁ ଧକ୍କା, ଯୁବକ ମୃତ

ବୌଦ୍ଧ,୨୫।୫(ସ୍ୱ.ପ୍ର)



ରାସ୍ତା ତଳକୁ ଓଲଟି ପଡିଥିବା କାର୍

ବୌଦ୍ଧ ଜିଲା ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ବୀରନରସିଂହପୁର ନିକଟସ୍ଥ ଖଜୁରୀପଡା ଠାରେ ଶନିବାର ଏକ ନାନୋ କାର୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଆଦିତ୍ୟ ଗାଇଗୌରିଆ (୩୦)।

ସୂଚନା ମୁତାବକ, ହରଭଙ୍ଗା ଥାନା ସାମ୍ପୋଚ ପଞ୍ଚାୟତର ସାନସୁବଳୟା ଗ୍ରାମର ଆଦିତ୍ୟ ଓ ଦୀନବନ୍ଧୁ ଗାଇଗୌରିଆ (୩୫) ଏକ ବାଇକ୍ (ନଂ.ଓଡି୩ସି/୪୮୮୯) ଯୋଗେ ବୌଦ୍ଧରୁ ନିଜ ଗ୍ରାମକୁ ଯାଉଥିଲେ` ଏହି ସମୟରେ ବିପରୀତ ଦିଗ ଚାରିଛକ ପଟୁ ବୌଦ୍ଧ ଆଡକୁ ଏକ ନାନୋ କାର (ନଂ.ଓଡି୧୫/୨୬୦୩) ଆସୁଥିବା ବେଳେ ଜାତୀୟ ରାଜପଥର ଖଜୁରୀପଡା ଠାରେ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର୍‌ଟି ରାସ୍ତା ତଳକୁ ଓଲଟି ପଡିଥିଲା। ଦୁର୍ଘଟଣାରେ ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ ଦୀନବନ୍ଧୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଗୁରତର ଦୀନବନ୍ଧୁଙ୍କୁ ଉଦ୍ଧାର କରି ବୌଦ୍ଧ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଆଦିତ୍ୟ ଓ ଦୀନବନ୍ଧୁ ସମ୍ପର୍କରେ କାକା ପୁତୁରା ହେବେ। କାର୍ ଚାଳକ ଫେରାର ଅଛନ୍ତି । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଗାଡି ଦୁଇଟିକୁ ଜବତ କରି ଥାନାରେ ଏକ ମାମଲା (ନଂ.୧୨୪/୧୯) ରୁଜୁ ହୋଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି ।

## ଅଗ୍ନିକାଣ୍ଡରେ ଦୁଇ ବଖରା ଜଳିଗଲା

ବୌଦ୍ଧ,୨୫।୫(ସ୍ୱ.ପ୍ର)



ଅଗ୍ନିକାଣ୍ଡରେ ପୋଡି ଯାଇଥିବା ଘର ।

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବୀରନରସିଂହପୁର ଗ୍ରାମପଞ୍ଚାୟତର ଚମ୍ପାମାଳି ଗ୍ରାମରେ ଶନିବାର ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଉକ୍ତ ଗ୍ରାମର ଅଚ୍ୟୁତ ମହାନନ୍ଦିଆଙ୍କ ପରିବାର ଲୋକେ ଘରେ ଶୋଇଥିବା ବେଳେ ଅପରାହ୍ନ ୩ଟା ବେଳେ ଘରପଛ ପଟୁ ହଠାତ୍ ନିଆଁ ଲାଗିଥିଲା । ତାଙ୍କର ଦୁଇ ବଖରା ଘର ସମତେ ସମସ୍ତ ଆସବାସ ପତ୍ର, ଖାଦ୍ୟ ପଦାର୍ଥ ପୋଡି ପାଉଁଶ ହୋଇଯାଇଛି । ଖବର ପାଇ ବୌଦ୍ଧରୁ ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ । ଅଚ୍ୟୁତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

## ଭଉଣୀ ବିବାହ ପୂର୍ବଦିନ ଭାଇଙ୍କ ମୃତ୍ୟୁ

ଅତାବିରା, ୨୫।୫ (ଡି.ଏନ.ଏ)

ନିଜ ଭଉଣୀଙ୍କ ବିବାହ ଜାକଜମକ ସହିତ କରିବା ପାଇଁ ଭାଇ ଲାଗି ପଡିଥିଲେ । ଯାନି ଯୌତୁକ ଉପହାର ଦେବା ପାଇଁ ପ୍ରସ୍ତୁତି କରିଥିଲେ । ଭୋଜି ପାଇଁ ସଉଦା କିଣି ଘରକୁ ଆଣିଥିଲେ । କିନ୍ତୁ ରବିବାର ଭଉଣୀଙ୍କ ବିବାହ ଦିନ ଥିବା ବେଳେ ଶନିବାର ସେହି ଭାଇଙ୍କ ମୃତ୍ୟୁ ହୋଇଯାଇଛି । ବରଗଡ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମରେ ଏଭଳି ଘଟିଛି । ରବିବାର ବଣ୍ଟି ମହାକୁର (୧୯)ଙ୍କ ଭଉଣୀ ବିବାହ ଉତ୍ସବ ଥିଲା । ମହାଆଡମ୍ବର ସହିତ ବିବାହ ଉତ୍ସବ କରିବା ପାଇଁ ସାରା ପରିବାର ପ୍ରସ୍ତୁତି ଚଳାଇଥିଲେ । ଶନିବାର ବଣ୍ଟିଙ୍କ ଦେହ ହଠାତ ଖରାପ ହୋଇଥିଲା । ପରିବାର ଲୋକେ ତାଙ୍କୁ ପ୍ରଥମେ ଅତାବିରା ଓ ପରେ ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା କରିବାକୁ ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବଣ୍ଟିଙ୍କ ମୃତ୍ୟୁ ହୋଇଥିଲା । ଶନିବାର ବୁଗବୁଗା ଗ୍ରାମକୁ ଶବ ପହଞ୍ଚିବା ପରେ କାନ୍ଦବୋବାଳରେ ଗାଁ ଫାଟି ପଡିଥିଲା ।

## ଟ୍ରାଫିକ ସଚେତନତା ସଭ୍ୟା ସମ୍ମାନିତ

ଅତାବିରା, ୨୫।୫ (ଡି.ଏନ.ଏ)

୨୦୧୪ ମସିହାରୁ ବିଭିନ୍ନ ଜିଲାର ଥାନା, ଫାଣ୍ଡି ଅଞ୍ଚଳରେ ଟ୍ରାଫିକ ସଚେତନତା କରି ଆସୁଥିବା ଟ୍ରାଫିକ ସଚେତନତା ସଭ୍ୟା ନଳିନୀ ଭୁଏଙ୍କୁ ଝାରସୁଗୁଡା ଜିଲା ବନହରିପାଲି ଥାନା ଅଧିକାରୀ ପ୍ରଶାନ୍ତ ମେହେର ସମ୍ମାନତ କରିଛନ୍ତି । ନଳିନୀଙ୍କ ଘର ଅତାବିରା ଥାନା ଯୁଯୁଗାଁ ନିକଟସ୍ଥ ଭାଲୁପତ୍ରା ଗ୍ରାମରେ । ଏହି ସମୟରେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଉପସ୍ଥିତ ଥିଲେ ।



ଅତାବିରା ବ୍ଲକ ଭାଲୁପତ୍ରା ଗାଁର ଟ୍ରାଫିକ ସଚେତନତା ସଭ୍ୟା ନଳିନୀ ଭୁଏଙ୍କୁ ବନହରପାଲି ପୋଲିସ ଅଧିକାରୀ ସମ୍ମାନିତ କରୁଛନ୍ତି ।

### ବେହେରାଟିକ୍ରାରେ ଅବସ୍ଥା ସଙ୍ଗିନ

## ଖରାଦିନେ ଘରକୁ ପଶୁଛି ନର୍ଦ୍ଦମାପାଣି

ବରଗଡ଼ ଅଫିସ୍,୨୫।୫

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୨ ବେହେରାଟିକ୍ରାରେ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଏଠାରେ ଡ୍ରେନେଜ ବ୍ୟବସ୍ଥା ଅବ୍ୟବସ୍ଥିତ ଭାବେ ପଡ଼ି ରହିଛି । ଫଳରେ ଖରାଦିନେ ମଧ୍ୟ ସହରର ବିଭିନ୍ନ ସ୍ଥାନରୁ ନିଷ୍କାସିତ ନର୍ଦ୍ଦମା ପାଣି ଏହି ପଡ଼ାର କେତେକ ଲୋକଙ୍କ ଘରକୁ ବନ୍ୟାଭଳି ପଶୁଛି ଏବଂ ସମ୍ପୃକ୍ତ ପରିବାର ଲୋକଙ୍କୁ ଘରଛାଡ଼ି ପରଘରେ ଆଶ୍ରୟ ନେବାକୁ ପଡୁଛି । ଖରାଦିନେ ଯଦି ଏହି ପଡ଼ାରେ ଏଭଳି ପରିସ୍ଥିତି ଉପୁଜୁଛି, ବର୍ଷାହେଲେ ପରିମଳ ବ୍ୟବସ୍ଥା କିଭଳି ହେଉଥିବ, ତାହା ସହଜରେ ଅନୁମେୟ। ପଡ଼ାକୁ ସଂଯୋଗ କରୁଥିବା ଡ୍ରେନକୁ ଅର୍ଦ୍ଧ ନିର୍ମିତ ଭାବେ ଦୀର୍ଘଦିନ ହେଲା ଛାଡ଼ି ଦିଆଯାଇଛି । ଫଳରେ ପଡ଼ୋଶୀ ପଡ଼ା ଅଞ୍ଚଳରୁ ଆସୁଥିବା ନର୍ଦ୍ଦମା ପାଣି ଗୋଟିଏ ଜାଗାରେ ଜଳାଶୟ(ବନ୍ଧ) ଭଳି ଜମି ରହୁଛି ଏବଂ ତାହା ପାର୍ଶ୍ୱବର୍ତ୍ତୀ ଘରକୁ ପଶୁଛି । ସେଥିପାଇଁ ପଡ଼ାରେ ରହିଥିବା କୂଅ, ନଳକୂଅର ପାଣି ମଧ୍ୟ ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଛି। ପଡ଼ାକୁ ଏକ ଟ୍ୟାଙ୍କର ଆସୁଛି ଏବଂ ପଡ଼ାବାସୀ ସେହି ପାଣି ବ୍ୟବହାର କରୁଛନ୍ତି । ମାତ୍ର ତାହା ମଧ୍ୟ ଧର୍ମକୁ ଆଖିଠାର ସଦୃଶ ହେଉଥିବା ଅଭିଯୋଗ ହୋଇଛି । ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଥିବାବେଳେ ବିଭିନ୍ନ ରୋଗ ଜୀବାଣୁ ଉପଦ୍ରବ ଯୋଗୁ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି । ଏ ନେଇ ପଡ଼ାବାସୀ ସ୍ଥାନୀୟ ପୌର ପରିଷଦ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏହାସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେବା ସହିତ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି ଏବଂ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିଛି ।



ଘରକୁ ପଶୁଥିବା ନର୍ଦ୍ଦମା ପାଣି ।

### ସେମାନେ ଯାହା କୁହନ୍ତି...



"ଘରକୁ ନର୍ଦ୍ଦମା ପାଣି ପଶୁଛି । ଏଭଳି ଦୁର୍ଗନ୍ଧ ହେଉଛି ଯେ ଘରେ ରହି ହେଉ ନାହିଁ । ସେହିପରି ପାଖରେ ଯେଉଁ ନଳକୂଅ ଅଛି, ନର୍ଦ୍ଦମା ପାଣି ଯୋଗୁ ସେହି ପାଣିକୁ ମଧ୍ୟ ଆମେ ବ୍ୟବହାର କରି ପାରୁ ନାହୁଁ । ସେଥିପାଇଁ ବହୁତ ଅସୁବିଧା ଭୋଗୁଛୁ।

ଲକ୍ଷ୍ମୀ ମେହେର



"ଘରକୁ ଏଭଳି ଭାବେ ପାଣି ପଶିଛି ଯେ ସେଠାରେ ରହିବା ମଧ୍ୟ ମୁସ୍କିଲ ହୋଇ ପଡ଼ିଲା । ଫଳରେ ପଡ଼ୋଶୀ ଘରେ ପରିବାର ସହିତ ରହିବାକୁ ପଡ଼ିଛି । ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ଜଣାଇଛୁ । ମାତ୍ର ଏପର୍ଯ୍ୟନ୍ତ କିଛି ହୋଇ ନାହିଁ।

-କିଶୋର ଚନ୍ଦ୍ର ମେହେର



"ସହରରେ ରହୁଛୁ । ହେଲେ ଗାଁ ଗହଳିଠାରୁ ଆହୁରି ଅସୁବିଧାରେ ଅଛୁ । ଘରକୁ ନର୍ଦ୍ଦମା ପାଣି ପଶୁଛି । ପିଇବା ପାଇଁ ବ୍ୟବହାର ଉପଯୋଗୀ ପାଣି ଟିକିଏ ମିଳୁ ନାହିଁ। ଏ ନେଇ ପୌର କର୍ତ୍ତୃପକ୍ଷଙ୍କୁ ଲେଖି ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନାହିଁ ।

-ଅରୁଣ ବେହେରା



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**କୋକସରା,୨୫।୫ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଲଟାପଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡମେନ ରୋତି(୫୦)। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟାରେ ଡମେନ ଘରେ ଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ହେଲେ ପରିବାର ଲୋକେ ପ୍ରଥମେ ଗୁଣିଗାରେଡ଼ିକୁ ବିଶ୍ୱାସ କରି ଛଡାଫୁଙ୍ଗା କରିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କୋକସରା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋକସରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଆଡ଼ିବନ୍ଧ କରି ପାଣି ସମସ୍ୟା ଦୂର କଲେ କୋମନାବାସୀ

**ନୂଆପଡ଼ା ଅଫିସ,୨୫।୫**

ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଲୋକେ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ବିଭିନ୍ନ ସ୍ଥାନରେ ଉତ୍କଟ ପାଣି ସମସ୍ୟା ଦେଖାଦେଇଛି। ଲୋକେ ପାଣି ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି। ହେଲେ ପାନୀୟଜଳ ଯୋଗାଣରେ ପ୍ରଶାସନ ଫେଲ ମାରୁଛି। ଏଭଳି ପରିସ୍ଥିତିରେ ଲୋକେ କିପରି ପାନୀୟଜଳ ମିଳିପାରିବ ସେନେଇ ଉଦ୍ୟମ ଜାରି ରଖିଛନ୍ତି। ଏହାହିଁ ସେମାନଙ୍କୁ ସଫଳତା ଆଣିଦେଉଛି। ଠିକ୍ ସେହିପରି ଏକ ଉଦାହରଣ ଦେଖିବାକୁ ମିଳିଛି ନୂଆପଡ଼ା ଜିଲା ଅନ୍ତର୍ଗତ କୋମନା ସହରରେ। ସହରର ଜନସାଧାରଣ ପାଣି ବୁନ୍ଦାଏ ପାଇଁ ହାହାକାର ହୋଇପଡୁଥିବାବେଳେ କିଛି ସ୍ୱେଚ୍ଛାସେବୀ ଆଗକୁ ଆସିଛନ୍ତି। ସ୍ଥାନୀୟ ସୁନ୍ଦର ନଦୀରେ ଆଡ଼ିବନ୍ଧ କରି ପାଣି ସମସ୍ୟାକୁ ଦୂର କରିବାରେ ସଫଳ ହୋଇପାରିଛନ୍ତି। ଏହା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ହୋଇଛି।



କୋମନା ସରପଞ୍ଚ ସହଯୋଗୀଙ୍କ ସହ ଆସି ଆଡ଼ିବନ୍ଧ ଦେଖୁଛନ୍ତି।

ନୂଆପଡ଼ା ଜିଲାର କୋମନା ଏକ ପ୍ରମୁଖ ସହର। ଏହାର ଜନସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ। ସହରର ପୂର୍ବରେ ସୁଉଚ୍ଚ ପାହାଡ଼ ଥିବାବେଳେ ପଶ୍ଚିମରେ ସୁନ୍ଦର ନଦୀ। ଦିନେ ଚିରସ୍ରୋତା ସୁନ୍ଦର ନଦୀ କୋମନା ସହର ସମେତ ଆଖପାଖ ଅଞ୍ଚଳରେ ପାଣି ସମସ୍ୟାକୁ ଦୂର କରିପାରୁଥିଲା। ହେଲେ ଦିନକୁ ଦିନ ପ୍ରବଳ ରୌଦ୍ରତାପ ଯୋଗୁ ନଦୀ ପାଣି ଶୁଖିଯାଉଛି। ଏପରି କି ନଦୀରେ

**ସୁନ୍ଦର ନଦୀ**
- ଅଚଳ ଜଳ ଯୋଗାଣ ପ୍ରକଳ୍ପ ଚାଲିଲା
- ହାତ ମିଳାଇଲେ ସ୍ଥାନୀୟ ସରପଞ୍ଚ
- ସ୍ଥାୟୀ ବନ୍ଧ ନିର୍ମାଣ ଦାବି

ଅବସ୍ଥାପିତ ଜଳଯୋଗାଣ ପ୍ରକଳ୍ପଗୁଡିକ ଅଚଳ ହୋଇପଡୁଛି। ଏଭଳି ସ୍ଥିତିରେ ମାସେ ହେଲା କୋମନା ସହରରେ ପାଣି ସମସ୍ୟା ଉତ୍କଟ ହେବାରେ ଲାଗିଛି। ପାଣି ଟୋପାଏ ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡିଛି। ଏପରି କି ଗୋରୁଙ୍କୁ ମଧ ପାଣି ମିଳିପାରୁନାହିଁ। ଏହା ଦେଖି ସହରର କିଛି ସାମାଜିକ କର୍ମୀଙ୍କ ସହ ଜନସାଧାରଣ ହାତରେ କୋଦାଳ ଧରି ବାହାରି ଥିଲେ ସୁନ୍ଦର ନଦୀକୁ। କିଛିଦିନର ଶ୍ରମ ଦାନ ପରେ ନଦୀରେ ୨ଶହ ମିଟରର ଏକ ଆଡ଼ିବନ୍ଧ ନିର୍ମାଣ କରିଛନ୍ତି। ବର୍ତ୍ତମାନ ଦନୀରେ ପାଣି ଜମିବାରେ ଲାଗିଛି। ସଫା ପାଣି ଦେଖି ଆଖପାଖ ଗାଁର ଲୋକେ ନଦୀକୁ ଆସି ପିଇବା ପାଣି ସଂଗ୍ରହ କରି ନେଉଥିବା ବେଳେ ଲୋକଙ୍କ ଗାଧୋଇବାରେ ଏହା ସହାୟକ ହୋଇପାରିଛି। ଏପରି କି ଅଚଳ ହୋଇପଡିଥିବା ଜଳ ଯୋଗାଣ ପ୍ରକଳ୍ପ ମଧ ସଚଳ ହେବାରେ ଲାଗିଛି। ଶନିବାର ସ୍ଥାନୀୟ ସରପଞ୍ଚ କ୍ରିଷ୍ଣା ତିୱାରୀ ଘଟଣାସ୍ଥଳରେ ପହଞ୍ଚି ଶ୍ରମଦାନ କରିଥିଲେ। ନଦୀରେ ଏକ ସ୍ଥାୟୀ ଆଡ଼ିବନ୍ଧ ନିର୍ମାଣ କରିବାକୁ ପ୍ରଶାସନ ନିକଟରେ ଦାବି ରଖିବେ ବୋଲି ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

### ରେଙ୍ଗାଲି ଯୁବକଙ୍କୁ ଗୁଳି ମାଡ଼ ଘଟଣା
## ଜଣେ ଅଟକ, ସ୍କୁଟି ସହ ଖୋକା ଜବତ

**ରେଙ୍ଗାଲି, ୨୫।୫ (ଡି.ଏନ.ଏ)**

ରେଙ୍ଗାଲି ଥାନା ମହାବୀର ଛକ ନିକଟରେ ପୂର୍ବଶତ୍ରୁତା ଓ ରାଜନୈତିକ ଆଲୋଚନାକୁ ନେଇ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଘଟିଛି। ଅମର ବାରିକ (୨୮) ନାମକ ଜଣେ ଯୁବକ ଗୁଳିମାଡର ଶିକାର ହୋଇ ବୁର୍ଲା ଭିମସାରରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ଶନିବାର ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରିଛି। ହେଲେ ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପୋଲିସ ତାଙ୍କ ନାମ ଗୁପ୍ତ ରଖିଛି। ଅନ୍ୟପକ୍ଷେ ପୋଲିସ ଘଟଣାସ୍ଥଳରୁ ଏକ ଖୋକା ସହ ଏକ ସ୍କୁଟି ଜବତ କରିଛି। ପିଙ୍କୁ ଚୌହାନ (୪୨) ନାମକ ଯୁବକଙ୍କ ବିରୋଧରେ ରେଙ୍ଗାଲି ଥାନାରେ ମାମଲା (ନଂ. ୮୨/୧୯) ରୁଜୁ ହୋଇଛି। ସମ୍ବଲପୁର ଏସ୍‌ପି ସଞ୍ଜୀବ ଅରୋରା ରେଙ୍ଗାଲି ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।

# ବିରୋଧୀଦଳ ନେତା ନେଇ ପ୍ରଦୀପ୍ତଙ୍କ ନାଁ ଚର୍ଚ୍ଚା

**ଭବାନୀପାଟଣା,୨୫।୫ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ବରିଷ୍ଠ ଭାଜପା ନେତା ତଥା ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକ ବିରୋଧୀ ଦଳ ନେତା ହେବା ନେଇ ଚର୍ଚ୍ଚା ହେଉଛି। ଏନେଇ ଜିଲା ଭାଜପା କର୍ମକର୍ତ୍ତା ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ନିର୍ବାଚନରେ କଳାହାଣ୍ଡି ଜିଲାର ୫ଟି ବିଧାନସଭା ଆସନ ମଧ୍ୟରୁ ୪ଟି ଆସନ ବିଜେଡି ଅକ୍ତିଆର କରିଛି। ତେବେ ବଳିଷ୍ଠ ନେତୃତ୍ୱ, ଲୋକପ୍ରିୟତା ଓ ଜନହିତକର କାର୍ଯ୍ୟ ଯୋଗୁ ପ୍ରଦୀପ୍ତ ଜିଲାର ଭବାନୀପାଟଣା ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ ଦୁଷ୍ମନ୍ତ ନାଏକଙ୍କୁ ହରାଇ ବିଜୟୀ ହୋଇଛନ୍ତି। ସେହିପରି ୧୯୯୫ରେ ପ୍ରଦୀପ୍ତ ରାଜନିତି ମଇଦାନକୁ ଓହ୍ଲାଇ ଭବାନୀପାଟଣା ବିଧାନସଭା ଆସନରେ ଭାଜପାରୁ ଟିକେଟ୍ ପାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ପରେ ୨୦୦୦ରୁ ୨୦୦୫ ଓ ୨୦୦୫ରୁ ୨୦୦୯ ଲଗାତର ୨ଥର ବିଧାୟକ ହେବା ସହ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିଲେ।



ପ୍ରଦୀପ୍ତ ନାଏକ

୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରଦୀପ୍ତଙ୍କ ବଳିଷ୍ଠ ନେତୃତ୍ୱ ଓ ଲୋକପ୍ରିୟତା ଯୋଗୁ ବିଜେଡିକୁ ଚକ୍‌ମା ଦେଇ କଳାହାଣ୍ଡି ଜିଲାରେ ଭାଜପା ୩୬ଟି ଜିଲା ପରିଷଦ ଆସନରୁ ୩୩ଟି ଜିଲା ପରିଷଦ ଆସନ ଅକ୍ତିଆର କରିଥିଲା। ଅନ୍ୟପକ୍ଷେ ଚଳିତ ନିର୍ବାଚନରେ ରାଜ୍ୟରେ ଭାଜପାର ୨୩ଟି ବିଧାୟକ ନିର୍ବାଚିତ ହୋଇଥିବା ବେଳେ ସେଥିମଧ୍ୟରୁ ପ୍ରଦୀପ୍ତ ବରିଷ୍ଠ ଓ ଦକ୍ଷ ସଂଗଠକ ରହିଛନ୍ତି। ଏହାକୁ ନେଇ ତାଙ୍କୁ ଦଳ ପକ୍ଷରୁ ବିରୋଧୀ ଦଳ ନେତା ପଦବୀ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

# ଫଳ ବଗିଚାରୁ ଚୋରି, ନିଆଁଲଗା ଘଟଣାର ହେଉନି ତଦନ୍ତ

- ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ସନ୍ଦେହ

**କର୍ଲାମୁଣ୍ଡା,୨୫।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସର୍ଗୁଲ ମାଲପଡ଼ା ଅଟର୍ଚାର୍ଠାରେ ଥିବା ଉଦ୍ୟାନ ବିଭାଗର ଫଳବଗିଚାରୁ ଦୁର୍ବୃତ୍ତମାନେ ସୋଲାର ପ୍ଲେଟ ଚୋରି କରିବା ସହ ବଗିଚାରେ ନିଆଁ ଲଗେଇ ଦେଇଥିଲେ। ଫଳରେ ବଗିଚାରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ହେଲେ ଏହି ଘଟଣାର ସପ୍ତାହେ ବିତିଯାଇଥିବା ବେଳେ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଏ ନେଇ ବିଭାଗୀୟ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି।

ସୂଚନାଯୋଗ୍ୟ, କର୍ଲାମୁଣ୍ଡା ବ୍ଲକ ସର୍ଗୁଲ ମାଲପଡ଼ା ଅଟର୍ଚାର୍ଠାରେ ୧୯୯୫ରେ ୫ ଏକର ପଡ଼ିଆରେ ଉଦ୍ୟାନ ବିଭାଗ ପକ୍ଷରୁ ଫଳ ବଗିଚା କରାଯାଇଛି। ହେଲେ ଗତ ରବିବାର ରାତିରେ ଦୁର୍ବୃତ୍ତମାନେ ବଗିଚାରୁ ସୋଲାର ପ୍ଲେଟ ଚୋରି କରି ନେବା ସହ ନିଆଁ ଲଗେଇ ଦେଇଥିଲେ। ଫଳରେ ବଗିଚାର ଶତାଧିକ ଆମ୍ବଗଛ ପୋଡିଯିବା ସହ ପଲି ହାଉସ(ଚାରା ଉତ୍ପାଦନ ଗୃହ) ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏ ନେଇ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଘଟଣା ସଂକ୍ରାନ୍ତରେ ଉଦ୍ୟାନ ବିଭାଗ ଓଭରସିୟର ବନଦୁର୍ଗା ହରିଜନଙ୍କୁ ପଚାରିବାରୁ ବଗିଚାରୁ ଚୋରି ହେବା ସହ ନିଆଁ ଲାଗିଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ଏନେଇ ସେ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ସେ ପୁରୀ ଜିଲା ଡେପୁଟେଶନରେ ଆସିଥିବାରୁ ଅଧିକ କିଛି କହିପାରିବି ନାହିଁ ବୋଲି କହିଥିଲେ। ଅନ୍ୟପଟେ କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଅଧିଶଚନ୍ଦ୍ର ବିଶ୍ୱାସଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ କୌଣସି ଅଭିଯୋଗ ହୋଇ ନ ଥିବା ପ୍ରକାଶ କରିଥିଲେ। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହ ଘଟଣାର ତଦନ୍ତ କରିବାକୁ କର୍ଲାମୁଣ୍ଡା ଅଞ୍ଚଳବାସୀ ଦାବି କରିଛନ୍ତି।





ନିଆଁରେ ପୋଡ଼ି ଯାଇଥିବା ଚାରା ଉତ୍ପାଦନ ଗୃହ (ବାମ) ଓ ଫଳ ବଗିଚା।

# ଅମାନତ ହରାଇଲେ ୫ ବିଧାୟକ ପ୍ରାର୍ଥୀ

**ରେଢ଼ାଖୋଲ,୨୫।୫ (ଡି.ଏନ.ଏ.)**

ସମ୍ବଲପୁର ଲୋକସଭା ଅଧୀନ ରେଢାଖୋଲ ବିଧାନସଭା ଆସନରେ ଚଳିତ ନିର୍ବାଚନରେ ବିଧାୟକ ଭାବେ ପ୍ରତିଦ୍ୱନ୍ଦିତା କରିଥିବା ୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୫ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଅମାନତ ହରାଇଥିବା ପ୍ରାର୍ଥୀ ହେଲେ ବହୁଜନସମାଜ ପାର୍ଟିର ସଙ୍କେତ ବହିଦାର, ଆମ ଆଦମି ପାର୍ଟିର ଆନନ୍ଦ କୁମାର ସାମଲ, ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ଜନକରାମ ରଣା, ସ୍ୱାଧୀନ ପ୍ରାର୍ଥୀ ଜୟଲାଲ ବେହେରା ଓ ସମର କୁମାର ପ୍ରଧାନ। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ବିଶିକେସନ ଦେହୁରୀଙ୍କଠାରୁ ଏହା ଜଣାପଡିଛି।

# ଢାବାରୁ ମଦ ଜବତ, ୨ ଗିରଫ

**ଧମା, ୨୫।୫ (ଡି.ଏନ.ଏ.)**

ଧମା ପୋଲିସ ସାହାସପୁରଠାରେ ଥିବା ୨ଟି ଢଶବାରେ ଚଢ଼ାଉ କରି ବିଦେଶୀ ମଦ ଜବତ କରିଛି। ଏଥିସହ ୨ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ଦ୍ୱୟ ହେଲେ ହାଡୁ ନାଏକ ଏବଂ ପ୍ରଶାନ୍ତ ପଧାନ। ଅବାଧ ମଦ କାରବାର ଅଭିଯୋଗରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

# ଧମା ବନଖଣ୍ଡ କାର୍ଯ୍ୟାଳୟରେ ଅଣୁଯୋଜନା ତାଲିମ ଶିବିର

**ଧମା, ୨୫।୫ (ଡି.ଏନ.ଏ)**

ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟଠାରେ ଶନିବାର ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ର ପ୍ରକଳ୍ପ କର୍ମଚାରୀମାନଙ୍କୁ ନେଇ ବନସୁରକ୍ଷା ସମିତିସ୍ତରରେ ଅଣୁ ଯୋଜନା ପ୍ରସ୍ତୁତ ସମ୍ବନ୍ଧରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଧମା ରେଞ୍ଜର ବିଦ୍ୟାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଡିଏଫଓ ଡ. ସଞ୍ଜିତ କୁମାର ଯୋଗ ଦେଇ ସୁରକ୍ଷିତ ଜଙ୍ଗଲର ପରିଚାଳନା ଓ ସଂରକ୍ଷଣ କରିବା, ଆବଶ୍ୟକୀୟ ଅନ୍ୟ ସରକାରୀ ବିଭାଗର ସକ୍ରିୟ ଅଂଶ ଗ୍ରହଣ ମାଧ୍ୟମରେ ଜଙ୍ଗଲ ଅଞ୍ଚଳ ବାହାରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ସହ ଜଙ୍ଗଲ ଭିତ୍ତିକ ଜୀବନ ଜୀବିକା ନିର୍ବାହ କାର୍ଯ୍ୟକ୍ରମର ଏକତ୍ରିକରଣ ହିଁ ଅଣୁଯୋଜନାର ଲକ୍ଷ୍ୟ ଏବଂ ଏହାକୁ କିପରି କାର୍ଯ୍ୟକାରୀ କରାଯାଇ ପାରିବ ସେ ସମ୍ବନ୍ଧରେ ଧାରଣା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ପଙ୍କଜ କୁମାର ପଣ୍ଡା, ବିଷୟ ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, କ୍ଷେତ୍ର ସଂଯୋଜକ ସୁଶିଲ ପାତ୍ର ଓ ନିକୁଞ୍ଜ ପଧାନ ପ୍ରମୁଖ ଯୋଗଦେଇ ଅଣୁଯୋଜନା ପ୍ରସ୍ତୁତି ଉପରେ ତାଲିମ ପ୍ରଦାନ କରିଥିଲେ। ଶେଷରେ ଏସିଏଫ ଲକ୍ଷ୍ମଣ ମାରାଣ୍ଡି ଧନ୍ୟବାଦ ଦେଇଥିଲେ।

### ମିଳୁନି ପ୍ରୋତ୍ସାହନ ବଜାର ସୁବିଧା
# ରାଜ୍ୟ ବାହାରକୁ ହେଉଛି ଆମ୍ବୁଲ ଚାଲାଣ

**ଭବାନୀପାଟଣା,୨୫।୫ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଆଦିବାସୀ ଗ୍ରୀଷ୍ମ ଋତୁରେ ବନଜାତ ଦ୍ରବ୍ୟ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ବନ ଜାତ ଦ୍ରବ୍ୟ ବିକ୍ରି ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ସହ ବଜାର ସୁବିଧା କରାଯାଉ ନାହିଁ। ଫଳରେ ସେମାନେ ନିଜ କଷ୍ଟୋପାର୍ଜିତ ସାମଗ୍ରୀକୁ ଅତି କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଆମ୍ବରୁ ପ୍ରସ୍ତୁତ ଆମ୍ବୁଲ ଖଟାର ଚାହିଦା ଥିବା ବେଳେ ବଜାର ସୁବିଧା ନ ଥିବାରୁ ଏହା କମ୍ ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏହାର ଫାଇଦା ଉଠାଉଛନ୍ତି ବେପାରୀମାନେ। ବେପାରୀମାନେ ସାଗମାଛ ଦରରେ ଆମ୍ବୁଲ କରି ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼, ଝାରଖଣ୍ଡ ଆଦି ରାଜ୍ୟକୁ ଟ୍ରକ ଯୋଗେ ପଠାଇ ମାଲାମାଲ ହେଉଛନ୍ତି। ଅନ୍ୟପକ୍ଷେ ଏଠାକାର ଆମ୍ବୁଲ ବାହାର ରାଜ୍ୟକୁ ଯାଇ ସେଠାରେ ପ୍ରସ୍ତୁତ ଆମଚୁର ପାଉଡର, ଜଳଜିରା ଆଦି ଓଡ଼ିଶାକୁ ବିଭିନ୍ନ ଆକର୍ଷଣୀୟ ପ୍ୟାକିଂ ମାଧ୍ୟମରେ ଆସୁଛି। ସରକାରଙ୍କ ପକ୍ଷରୁ ଅଞ୍ଚଳର ଏକ ଆମ୍ବୁଲ ପ୍ରୋସେସିଂ ପ୍ଲାଣ୍ଟ ସ୍ଥାପନ କରାଗଲେ ଅଞ୍ଚଳର ଚାଷୀଙ୍କ ସହ ଆଦିବାସୀମାନେ ଉଚ୍ଚା ଦରରେ ଆମ୍ବୁଲ ବିକି ଲାଭବାନ ହୋଇପାରନ୍ତେ। ଅନ୍ୟପକ୍ଷେ ଅଞ୍ଚଳର ଜଳବାୟୁ ଆମ୍ବ ଚାଷ ପାଇଁ ଉତ୍କୃଷ୍ଟ। ହେଲେ ଉଦ୍ୟାନ ବିଭାଗ ପକ୍ଷରୁ ଅଞ୍ଚଳରେ ଆମ୍ବ ଚାଷ ପାଇଁ କୌଣସି ପ୍ରଚାର ପ୍ରସାର କରାଯାଉ ନାହିଁ। ଫଳରେ ଜନସାଧାରଣ ଆମ୍ବ ଚାଷ ସମ୍ପର୍କରେ କିଛି ଜାଣିପାରୁ ନାହାନ୍ତି। ପ୍ରୋତ୍ସାହନ ସହ ବଜାର ସୁବିଧା କରାଗଲେ ଚାଷୀ ଓ ବିଶେଷ କରି ଆଦିବାସୀମାନେ ଲାଭବାନ ହୋଇପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକରେ ପ୍ରସ୍ତୁତ ହେଉଥିବା ଆମ୍ବୁଲ।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ରାଧେଶ୍ୟାମଙ୍କୁ ଆଇନା ପ୍ରତିଭା ସମ୍ମାନ

**ନୂଆପଡ଼ା ଅଫିସ,୨୫।୫**

କଟକର ଆଇନା ପରିବାର ପକ୍ଷରୁ ନୂଆପଡ଼ା ଜିଲାର କବି, ଲେଖକ ତଥା ଶିକ୍ଷାବିତ ରାଧେଶ୍ୟାମ ଦାସଙ୍କୁ ଆଇନା ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଆସାମ, ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ବହୁ ପ୍ରତିଭାବାନ କବି ଯୋଗ ଦେଇଥିଲେ। ଏହି ଅବସରରେ କବିତାପାଠୋତ୍ସବ ସହ ବିଭିନ୍ନ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏହି ଅବସରରେ ରାଧେଶ୍ୟାମଙ୍କ ପୁସ୍ତକ ଢଗଢମାଳୀ ଓ ଲୋକକଥା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଖବର ପାଇ ନୂଆପଡ଼ା ଜିଲାର ବିଭିନ୍ନ ପ୍ରାନ୍ତରୁ ରାଧେଶ୍ୟାମଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ରାଧେଶ୍ୟାମ ଜଣେ ଆଦର୍ଶ ଶିକ୍ଷକ, ପରିବେଶବିତ୍ ଭାବେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଛନ୍ତି। ତାଙ୍କର କୃତିତ୍ୱକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# କେନାଲ ପୋତି ଦିଆଯାଇଥିବା ଅଭିଯୋଗ

**ମୋହନଗିରି,୨୫।୫ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାଳିଗଙ୍ଗା ରାଇଟ କେନାଲକୁ ମୋହନଗିରିସ୍ଥିତ ବାଲିଭଟା ନିକଟରେ ପୋତି ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯାଗ କରିଛନ୍ତି। ବର୍ତ୍ତମାନ ଖରିଫ ଚାଷ ସମୟ ପାଖେଇ ଆସୁ ଥିବା ବେଳେ କେନାଲ ପୋତାଯିବା ଫଳରେ ଜଳ ସେଚନ ବ୍ୟାଘାତ ହେବା ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ଦେଖାଦେଇଛି।

ମୋହନଗିରିସ୍ଥିତ ବାଲିଭଟା ଆଶ୍ରମ ବିଦ୍ୟାଳୟକୁ ସଂଯୋଗ ପାଇଁ କାଳିଗଙ୍ଗା ନଦୀରେ କଳାହାଣ୍ଡି ଆର୍‌ଡି ବିଭାଗ ପକ୍ଷରୁ ଏକ ବିଜୁସେତୁ ନିର୍ମାଣ କରାଯାଇଛି। ସେତୁ ମୋହନଗିରି ବାଲିଗୁଡା ରାସ୍ତାକୁ ସଂଯୋଗ କରିଥିବାବେଳେ ସେତୁର ଉଚ୍ଚତା ୮ରୁ ୯ ଫୁଟ ସହିତ ମାଟି ପକାଇ ରାସ୍ତା ଉଚ୍ଚା କରାଯାଉଛି। ଏପରି କି ରାସ୍ତାର ଓସାର ପାଇଁ ରାସ୍ତା କଡରେ ଯାଇଥିବା କାଳିଗଙ୍ଗା ରାଇଟ କେନାଲକୁ ପୋତି ଦିଆଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏକ ଅସ୍ଥାୟୀ କେନାଲ ତିଆରି ପାଇଁ ଯୋଜନା କରାଯାଉଥିବା ଜଣାପଡିଛି। ଏଭଳିସ୍ଥିତିରେ ବିଭିନ୍ନ ସମୟରେ କେନାଲ ପାଣି ଶେଷ ମୁଣ୍ଡରେ ଥିବା ଚାଷୀଙ୍କ ଜମିକୁ ପହଞ୍ଚ ପାରୁ ନ ଥିବା ବେଳେ ଅସ୍ଥାୟୀ କେନାଲ ପାଣି ଚାଷ ଜମିରେ ପହଞ୍ଚିବା କେତେଦୂର ସମ୍ଭବ ସେନେଇ ଚାଷୀମାନେ ପ୍ରଶ୍ନ କରିଛନ୍ତି। ଏନେଇ ମ.ରାମପୁରସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ଏସ୍‌ଡିଓ କୁମୁଦ ଚନ୍ଦ୍ର ପଧାନଙ୍କୁ ପଚାରିବାକୁ କେନାଲ ପୋତାଯିବା ସମ୍ପର୍କରେ ସେ ଜାଣି ନାହାନ୍ତି। ଏପରି କି ସମ୍ପୃକ୍ତ ବିଭାଗର କୌଣସି ଅଧିକାରୀ ତାଙ୍କୁ ଜଣାଇ ନ ଥିବା ବେଳେ ଏହା ବିଭାଗର ମନମୁଖି କାମ ବୋଲି କହିଥିଲେ। ଅନ୍ୟପକ୍ଷେ ଖରିଫ ଚାଷ ପୂର୍ବରୁ କେନାଲ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ଚାଷୀମାନେ ଚେତାବନୀ ଦେଇଛନ୍ତି।



ରାସ୍ତା ତିଆରି ପାଇଁ କାଳିଗଙ୍ଗା ଜଳସେଚନ ପ୍ରକଳ୍ପର ରାଇଟ କେନାଲକୁ ପୋତି ଦିଆଯାଇଛି।

- ଜଳ ସେଚନରେ ବ୍ୟାଘାତ ଆଶଙ୍କା
- ଆର୍‌ଡି ବିଭାଗର ମନମୁଖି କାମ
- ଆନ୍ଦୋଳନ ନେଇ ପାଣି ପଞ୍ଚାୟତ କର୍ମକର୍ତ୍ତା ଏବଂ ଚାଷୀଙ୍କ ଚେତାବନୀ